THE BIPLABI PARIKRAMA

# ବିପ୍ଳବୀ ପରିକ୍ରମା

Email-biplabiparikrama@gmail.com
www.biplabiparikrama.org

RNI Regd. ODI ODI/2013/50740
Postal.Regd-BG/19/2024-26

Volume-13 ISSUE -05 | ବ୍ରହ୍ମପୁର Berhampur | ମଇ ୩୦ - ୨୦୨୬ May 30 -2026 | ଶନିବାର Saturday | ୪ ପୃଷ୍ଠା 4 Page | ୫ ଟଙ୍କା ମାତ୍ର Rupees 5/- only

## ହାଇକୋର୍ଟମାନଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ସଂରକ୍ଷଣର ତିନି ମାସରେ ରାୟ

ନୂଆଦିଲ୍ଲୀ: ଶୁକ୍ରବାର ସୁପ୍ରିମ୍‌କୋର୍ଟ ସମସ୍ତ ହାଇକୋର୍ଟଙ୍କୁ କହିଛନ୍ତି ଯେ ସଂରକ୍ଷିତ ରଖିବାର ୩ ମାସ ମଧ୍ୟରେ ରାୟ ଶୁଣାଇବାକୁ ହେବ। କାରଣ ରାୟ ଶୁଣାଇବାରେ ବିଳମ୍ବ ହେଲେ ମକଦ୍ଦମାକାରୀଙ୍କ ପାଇଁ ଅପୂରଣୀୟ କ୍ଷତି ଘଟୁଛି।



ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବ୍ୟକ୍ତିଗତ ସ୍ୱାଧୀନତା ସହ ଜଡିତ ମାମଲାରେ ଶୀଘ୍ର ନିଷ୍ପତ୍ତି ନେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଜାମିନ ଆବେଦନ ଉପରେ ସେହି ଦିନ ନିଷ୍ପତ୍ତି ନିଆଯିବା ଉଚିତ। ଯଦି ଆଦେଶ ସଂରକ୍ଷିତ ଅଛି, ତେବେ ସେଗୁଡିକ ପରଦିନ ସୁଦ୍ଧା ଶୁଣାଇବା ଓ ଅପଲୋଡ୍ ହେବା ଆବଶ୍ୟକ। ସୁପ୍ରିମ୍‌କୋର୍ଟ ଆହୁରି କହିଛନ୍ତି ଯେ ଜାମିନ ପ୍ରଦାନ କିମ୍ବା ଦଣ୍ଡ ସ୍ଥଗିତ ରଖିବାର ନିର୍ଦ୍ଦେଶ ତୁରନ୍ତ ଜେଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇବା ଉଚିତ। ବିଚାରାଧୀନ କଏଦୀ କିମ୍ବା ଦୋଷୀଙ୍କୁ ମୁକ୍ତ କରିବାର ଥିଲେ ସେହି ଦିନ କିମ୍ବା ପରଦିନ ମୁକ୍ତ କରାଯିବା ଉଚିତ। ସମ୍ବିଧାନର ଧାରା ୧୪୨ ଅନୁଯାୟୀ ଅସାଧାରଣ କ୍ଷମତା ବ୍ୟବହାର କରି ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଯଦି କେବଳ ରାୟର କାର୍ଯ୍ୟକାରୀ ଅଂଶ ଶୁଣାଯାଏ, ତେବେ ସମ୍ପୂର୍ଣ୍ଣ ରାୟ ୧୫ ଦିନ ମଧ୍ୟରେ ଅପଲୋଡ୍ କରାଯିବା ଆବଶ୍ୟକ। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଯଦି ଆଦେଶ ସଂରକ୍ଷଣର ଚାରି ମାସ ମଧ୍ୟରେ ରାୟ ନ ଦିଆଯାଏ, ତେବେ ପକ୍ଷମାନେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଦ୍ୱାରସ୍ଥ ହୋଇ ଅନ୍ୟ ଖଣ୍ଡପୀଠକୁ ଏହି ମାମଲା ହସ୍ତାନ୍ତର କରିପାରିବେ। ଖଣ୍ଡପୀଠ ଆହୁରି କହିଛନ୍ତି ଯେ ଯେତେବେଳେ ଖୋଲା କୋର୍ଟରେ ଯୁକ୍ତିଯୁକ୍ତ ରାୟ ଶୁଣାଯାଏ, ତାହା ୨୪ ଘଣ୍ଟା ମଧ୍ୟରେ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବା ଆବଶ୍ୟକ।

# ଆଜିଠୁ ଓଡ଼ିଶାରେ ଏସଆଇଆର

ଭୁବନେଶ୍ୱର: ଆଜିଠୁ ରାଜ୍ୟର ହେବାକୁ ଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମ ପାଇଁ ଏକ ବିସ୍ତୃତ ଉପସ୍ଥାପନା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମିଡିଆ ସେଣ୍ଟରରେ ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନ ଅଧ୍ୟକ୍ଷତା କରି କହିଥିଲେ ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ସମୟ ସୂଚୀ ଘୋଷଣା କରାଯାଇଛି।

ମେ' ୨୯ (ଆଜି) ସୁଦ୍ଧା ରାଜ୍ୟରେ ପ୍ରିଣ୍ଟିଂ ଓ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିବାବେଳେ ବିଏଲଓ ମାନଙ୍କର ପ୍ରଶିକ୍ଷଣ ମଧ୍ୟ ଶେଷ ହୋଇଛି। ମେ' ୩୦ (ଆସନ୍ତାକାଲି) ଠାରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓମାନେ ମତଦାତାଙ୍କ ଘରକୁ ଯାଇ ପ୍ରତ୍ୟେକ ମତଦାତାଙ୍କ ପାଇଁ ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ। ଏଥିରେ ମତଦାତାଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡ଼ିବ। ବିଏଲଓମାନେ ପରିଦର୍ଶନ ସମୟରେ ସେମାନଙ୍କର ତଥ୍ୟ ଯାଞ୍ଚ କରିବେ ଓ ସେମାନଙ୍କ ସାମାନ୍ୟ ତ୍ରୁଟିକୁ ସଂଶୋଧନ କରିବେ। ସେହିପରି ଜଣେ ବି ଯୋଗ୍ୟ ଭାରତୀୟ ଭୋଟର ଯେମିତି ବାଦ୍ ନ ପଡ଼ନ୍ତି ଓ ଅଯୋଗ୍ୟ ଭୋଟର ଯେମିତି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ନ ହୁଅନ୍ତି, ସେଥିପ୍ରତି ବିଏଲଓ ମାନଙ୍କୁ ସଜାଗ ରହିବାକୁ ଶ୍ରୀ ଗୋପଲନ ନିର୍ଦ୍ଦେଶ ଦେଇଛନ୍ତି। ୨୮ ଜୁନ୨୦୨୬ ସୁଦ୍ଧା ମତଦାନ କେନ୍ଦ୍ରଗୁଡିକର ପୁନର୍ବିନ୍ୟାସ ହେବା ପରେ ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ। ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟ ହୋଇ ଥିବାବେଳେ ଜୁଲାଇ ୫ ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ଦାବି ଓ ଆପତ୍ତିର ସମାଧାନ ଓ ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।



ଏସଆଇଆର ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ ମୋଟ ମତଦାତାଙ୍କ ମଧ୍ୟରୁ ୩,୧୬,୦୩,୩୨୩ ଜଣ ମତଦାତା ଅର୍ଥାତ୍ ୯୪.୬୧% ମତଦାତାଙ୍କୁ ୨୦୦୨ ମସିହାରେ ପ୍ରକାଶିତ ଶେଷ ସମୟର ଭୋଟର ତାଲିକା ସହିତ ମ୍ୟାପ୍ କରାଯାଇଛି। ପ୍ରାକ୍-ପର୍ଯ୍ୟାୟରେ ଯେଉଁ ନିର୍ବାଚକମାନଙ୍କୁ ମ୍ୟାପ୍ କରାଯାଇପାରିନଥିଲା, ସେମାନେ ମଧ୍ୟ ସମୟରେ ଯଥୋଚିତ ସୂଚନା ଦାଖଲ କଲେ ମ୍ୟାପ୍ ହୋଇପାରିବେ। ଏସଆଇଆର ସମୟରେ ୪୫ ହଜାର ୨୫୫ ଜଣ ବୁଥ ସ୍ତରୀୟ ଅଧିକାରୀ ନିର୍ବାଚକଙ୍କ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ସ୍ୱତନ୍ତ୍ର ସଘନ ସଂଶୋଧନକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ରାଜନୀତିକ ଦଳମାନଙ୍କ ପୂର୍ବ ସହଭାଗୀତା ସହ କାର୍ଯ୍ୟାନ୍ୱୟନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶାର ସମସ୍ତ ରାଜନୀତିକ ଦଳଙ୍କୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ଏବେ ସୁଦ୍ଧା ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୀତିକ ଦଳ ତରଫରୁ ମୋଟ ୩୩ ହଜାର ୨୬ ଜଣଙ୍କୁ ନିଯୁକ୍ତ କରାଯାଇଛି। ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-) ଯୋଗାଇ ଦିଆଯିବ । ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ। ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍‌ରୁ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ପୂରଣ ପରେ ସେହି ପୋର୍ଟାଲ ମାଧ୍ୟମରେ ହିଁ ଅନଲାଇନ୍ ଅପଲୋଡ୍ କରିପାରିବେ। ଫର୍ମ ପୂରଣ କରିବାରେ କୌଣସି ସମସ୍ୟା ହେଲେ ବିଏଲଓ ସମ୍ପୃକ୍ତ ଭୋଟରଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ । ଏହାସହ ନୂଆ ନିର୍ବାଚକ ଭାବେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ବିଏଲଓ ସେହିସମୟରେ ଫର୍ମ-୬ ସହ ସ୍ୱତନ୍ତ୍ର ଘୋଷଣାପତ୍ର (ସଂଲଗ୍ନ-) ପ୍ରଦାନ କରିବେ ।

ସେହିପରି ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ନିଯୁକ୍ତ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ସକାଳ ୬ ରୁ ଦିନ୧୧, ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଫିଲ୍ଡ ୱାର୍କ ଏବଂ ଦିନ ୧୨ରୁ ଅପରାହ୍ନ ୩ଟା ଯାଏଁ ଫିଲ୍ଡ ୱାର୍କ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କର୍ତ୍ତବ୍ୟ ସମୟରେ ବିଏଲଓ ମାନେ ଯଦି କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତା'ହେଲେ ତୁରନ୍ତ ସେମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ସମସ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଓ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆଲୋଚନା କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ଡେପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଧରପଗଡ଼ ଭୟ: ବାଂଲାଦେଶ ମୁହାଁ ଅନୁପ୍ରବେଶକାରୀ

କଲିକତା : ପଶ୍ଚିମବଙ୍ଗରେ ବେଆଇନ ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ ଜାରି ରହିଥିବା ଜୋରଦାର କାର୍ଯ୍ୟାନୁଷ୍ଠାନ ଯୋଗୁଁ ଭୟଭୀତ ହୋଇ ଶତାଧିକ ବାଂଲାଦେଶୀ ନାଗରିକ ଏବେ ସ୍ୱଦେଶ ଫେରିବା ପାଇଁ ସୀମାନ୍ତ ଅଞ୍ଚଳ ଏବଂ ଟ୍ରାଞ୍ଜିଟ୍ ଟର୍ମିନାଲଗୁଡ଼ିକରେ ଭିଡ଼ ଜମାଇଛନ୍ତି। ପଶ୍ଚିମବଙ୍ଗରେ ବେଆଇନ ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ ଜାରି ରହିଥିବା ଜୋରଦାର କାର୍ଯ୍ୟାନୁଷ୍ଠାନ ଯୋଗୁଁ ଭୟଭୀତ ହୋଇ ଶତାଧିକ ବାଂଲାଦେଶୀ ନାଗରିକ ଏବେ ସ୍ୱଦେଶ ଫେରିବା ପାଇଁ ସୀମାନ୍ତ ଅଞ୍ଚଳ ଏବଂ ଟ୍ରାଞ୍ଜିଟ୍‌ଟର୍ମିନାଲଗୁଡ଼ିକରେ ଭିଡ଼ ଜମାଇଛନ୍ତି। ଡିଟେନସନ ସେଣ୍ଟର ବା ବେଆଇନ ଅଟକ କେନ୍ଦ୍ରକୁ ଯିବା ଭୟରେ ଏହି ଅନୁପ୍ରବେଶକାରୀମାନେ ନିଜ ଇଚ୍ଛାରେ ବାଂଲାଦେଶ ଫେରିଯାଉଥିବା ଦେଖିବାକୁ ମିଳୁଛି। ଏହି ସମୟରେ ବିଭିନ୍ନ ଗଣମାଧ୍ୟମ ସମ୍ମୁଖରେ ସେମାନେ କରିଥିବା ସ୍ୱୀକାରୋକ୍ତିରୁ ଭାରତ-ବାଂଲାଦେଶ ସୀମାରେ ଚାଲୁଥିବା ଏକ ବଡ଼ ଧରଣର ସଂଗଠିତ ଦଲାଲ୍ ନେଟୱର୍କ ଓ ଜାଲ୍ ପରିଚୟପତ୍ର ପ୍ରସ୍ତୁତିର ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। କିଛି ବାଂଲାଦେଶୀ ନାଗରିକ ପ୍ରକାଶ କରିଛନ୍ତି ଯେ, ସେମାନେ ବର୍ଷ ବର୍ଷ ଧରି, କେତେକ କ୍ଷେତ୍ରରେ ସାରା ଜୀବନ ଭାରତରେ ବେଆଇନ ଭାବେ ରହି ଆସୁଥିଲେ। ସୀମାରେ ବିଏସଏଫ ପାଟ୍ରୋଲିଂ ମଧ୍ୟରେ ଥିବା ସମୟର ସୁଯୋଗ ନେଇ ଦଲାଲମାନେ ମାତ୍ର ୧୦ ମିନିଟ୍ ମଧ୍ୟରେ ପ୍ରତି ବ୍ୟକ୍ତି ପିଛା ୭,୦୦୦ ରୁ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ନେଇ ସେମାନଙ୍କୁ ସୀମା ପାର କରାଉଥିଲେ। ପରବର୍ତ୍ତୀ ସମୟରେ ସ୍ଥାନୀୟ ରାଜନୈତିକ କର୍ମୀଙ୍କ ସହାୟତାରେ ଜାଲ୍ ଭୋଟର କାର୍ଡ ଓ ରାସନ କାର୍ଡ ଭଳି ଭାରତୀୟ ନାଗରିକତ୍ୱର ପ୍ରମାଣପତ୍ର ପ୍ରସ୍ତୁତ କରାଯାଉଥିଲା, ଯାହା ଦ୍ୱାରା ସେମାନେ ଏଠାରେ ଭୋଟ୍ ଦେବା ସହ ବିଭିନ୍ନ ସରକାରୀ ଜନକଲ୍ୟାଣକାରୀ ଯୋଜନାର ଆର୍ଥିକ ସହାୟତା ମଧ୍ୟ ହାସଲ କରୁଥିଲେ। ପଶ୍ଚିମବଙ୍ଗର ନୂତନ ସରକାର ଏହି ବେଆଇନ ପ୍ରକ୍ରିୟା ଉପରେ ଏବେ ସମ୍ପୂର୍ଣ୍ଣ ରୋକ୍ ଲଗାଇଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସ୍ପଷ୍ଟ ଭାବେ ଘୋଷଣା

୨ୟ ପୃଷ୍ଠା ଦେଖନ୍ତୁ...

# ଚମକ ହରାଉଛନ୍ତି ଆଞ୍ଚଳିକ ଦଳ !

ନୂଆଦିଲ୍ଲୀ : ଏକଦା ଦେଶର ରାଜନୈତିକ ଦୃଶ୍ୟପଟ୍ଟରେ ଥିଲେ ଦୁଇ ଧୁରନ୍ଧର । ନବୀନ ଓ ମମତାଙ୍କ ଆଗରେ ମାତ୍ ଖାଉଥିଲେ ପ୍ରତିପକ୍ଷ । ହେଲେ ସତ୍ତା ପଲଟିଯିବା ପରେ ନିଜ ଦଳକୁ ସମ୍ଭାଳିବା ଏମାନଙ୍କ ପାଇଁ ବେଶ ଚ୍ୟାଲେଞ୍ଜ ହୋଇପଡ଼ିଛି । ଏବେ ଉଭୟ ଆଞ୍ଚଳିକ ଦଳର ସମଦଶା । ପୂର୍ବ ଭାରତ ରାଜନୀତିରେ ପାଚେରୀ ଭଳି ଛିଡ଼ା ହୋଇଥିଲେ ଭାଇ-ଭଉଣୀ । ବର୍ଷ ବର୍ଷ ଧରି ଜାତୀୟ ଦଳକୁ ଧୂଳି ଚଟାଉଥିଲେ । ହେଲେ କ୍ଷମତା ଯିବା ପରେ ନିଜର ଅସ୍ତିତ୍ୱକୁ ବଂଚାଇବାକୁ ଅଗ୍ନିପରୀକ୍ଷା ଦେଉଛନ୍ତି। ହଁ ଆମେ ନବୀନ ପଟ୍ଟନାୟକ ଓ ମମତା ବାନାର୍ଜୀଙ୍କ କଥା ହିଁ କହୁଛୁ ।ଏକଦା ଦେଶର ରାଜନୈତିକ ଦୃଶ୍ୟପଟ୍ଟରେ ଥିଲେ ଦୁଇ ଧୁରନ୍ଧର । ନବୀନ ଓ ମମତାଙ୍କ ଆଗରେ ମାତ୍ ଖାଉଥିଲେ ପ୍ରତିପକ୍ଷ । ଜଣେ ୨୪ବର୍ଷ ଧରି ଓଡ଼ିଶାର ଶାସନ ଗାଦିରେ ବସିଥିଲେ ଆଉ ଜଣେ ୧୫ବର୍ଷ ଧରି ବଙ୍ଗରେ କରୁଥିଲେ ନିରଙ୍କୁଶ ଶାସନ । ହେଲେ ସତ୍ତା ପଲଟିଯିବା ପରେ ନିଜ ଦଳକୁ ସମ୍ଭାଳିବା ଏମାନଙ୍କ ପାଇଁ ବେଶ ଚ୍ୟାଲେଂଜ ହୋଇପଡିଛି । ଏବେ ଉଭୟ ଆଞ୍ଚଳିକ ଦଳର ସମଦଶା । ଦୁଇ ବର୍ଷ ପୂର୍ବରୁ ବିଜେଡିରେ ନେତା ହାଉଜାଉ ହେଉଥିଲେ। ଦଳର ଟିକେଟ ପାଇଁ ଲମ୍ବା ଲାଇନ ଲାଗୁଥିଲା। ଏବେ ସେ ସ୍ଥିତି ନାହିଁ । ବିଜେଡିରେ ନେତା ସଂକଟ ଜଳଜଳ। କ୍ଷମତାରୁ ଯିବା ପରେ ଦଳ ଛାଡ଼ୁଛନ୍ତି ସାଂସଦ, ବିଧାୟକ, ନେତା, କର୍ମୀ । ବିଜେଡିର ଅଭେଦ୍ୟ ଦୁର୍ଗ ଧୀରେ ଧୀରେ ଧରାଶାୟୀ ହେଉଛି । ନିଇତି ଧାଡ଼ି କରି ନେତା ବିଜେପିରେ ସାମିଲ ହେଉଛନ୍ତି ।ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରି ଦଳରୁ ବିଦା ହୋଇଥିଲେ ୮ ବିଧାୟକ । ଦଳର ସୁପ୍ରିମୋ କହିଲେ, କିଛି ବି ପ୍ରଭାବ ପଡ଼ିବ ନାହିଁ। ଦଳ ନୂଆ ନେତା ସାମନାକୁ ଆଣିବ ବୋଲି ବି ସୂଚନା ଦେଲା । ହେଲେ ଏ ପର୍ଯ୍ୟନ୍ତ ପାଟକୁରା, ଚୌଦ୍ୱାର, ବାଙ୍କୀ, ତିର୍ତ୍ତୋଲ,ବାଲିଗୁଡ଼ା, ଜୟଦେବ, ଚମ୍ପୁଆ ନିର୍ବାଚନ ମଣ୍ଡଳୀର କିଏ ମଙ୍ଗ ଧରିବ, ସେ ସଂକେତ କର୍ମୀଙ୍କୁ ମିଳିନି । ଆଗକୁ ପୌର ଓ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ କର୍ମୀ ଏବେ ଦ୍ୱନ୍ଦ୍ୱରେ । ପଶ୍ଚିମବଙ୍ଗ ସ୍ଥିତି ଆହୁରି ଖରାପ। ମମତା ବାନାର୍ଜୀ ନିର୍ବାଚନ ହାରିବାର ୨୫ ଦିନ ବିତିନାହିଁ । ଏବେଠାରୁ ଗଡ଼ ଭାଂଗିବା ଆରମ୍ଭ ହେଲାଣି । ଜଣେ ସାଂସଦ ଦଳ ଛାଡିଛନ୍ତି ଓ ତୃଣମୂଳ ସ୍ତରର ଅନେକ ନେତା ଏବେ ବିଜେପି ମୁହାଁ ହେଲେଣି ।

## ନିଟ ୟୁଜି ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ

# ୟୁପିଏସସି ଠାରୁ ଶିକ୍ଷାଲାଭ କରୁ ଏନ୍‌ଟିଏ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସୁପ୍ରିମକୋର୍ଟ ଶୁକ୍ରବାର ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏକ)କୁ କଡ଼ା ସମାଲୋଚନା କରିଛନ୍ତି। ନିରୀକ୍ଷଣ ବ୍ୟବସ୍ଥା ଓ ଉଚ୍ଚସ୍ତରୀୟ କମିଟି ଥିବା ସତ୍ତ୍ୱେ ଏତେ ବଡ଼ ସୁରକ୍ଷା ତ୍ରୁଟି କେମିତି ଘଟିଲା ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ୟୁପିଏସସି ପରୀକ୍ଷା ସହ ତୁଳନା କରି ସୁପ୍ରିମକୋର୍ଟ କହିଛନ୍ତି ଯେ ଦେଶର ସର୍ବୋଚ୍ଚ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଏପରି ଘଟଣା କେବେ ଘଟିନାହିଁ। ତେଣୁ ସେହି ବ୍ୟବସ୍ଥାରୁ ଶିକ୍ଷା ନେବାର ଆବଶ୍ୟକତା ଏନଟିଏକୁ ରହିଛି।

ନିଟ ୟୁଜି ପ୍ରଶ୍ନପତ୍ର ଲିକ ମାମଲାରେ ସଲିସିଟର ଜେନେରାଲ ତୁଷାର ମେହତା ଆଜି ଏନଟିଏ ଓ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ ରାଧାକୃଷ୍ଣଙ୍କ ନେତୃତ୍ୱରେ ଗଠିତ ଉଚ୍ଚ ସ୍ତରୀୟ କମିଟି ପକ୍ଷରୁ ପକ୍ଷ ରଖିବା ବେଳେ ସୁପ୍ରିମକୋର୍ଟ ଏପରି ମତ ରଖିଛନ୍ତି। ଏନଟିଏ ଓ ଡକ୍ଟର ରାଧାକୃଷ୍ଣ ଦାଖଲ କରିଥିବା ସତ୍ୟପାଠକୁ କୋର୍ଟ ବିଚାରକୁ ନେଇଛନ୍ତି ଓ ସତ୍ୟପାଠ ଦାଖଲ ପାଇଁ କେନ୍ଦ୍ରକୁ ଅତିରିକ୍ତ ସମୟ ଦେଇଛନ୍ତି। ଏହି ସମୟରେ ପୂର୍ବତନ ଇସ୍ରୋ ଅଧ୍ୟକ୍ଷ ଡ. କେ ରାଧାକୃଷ୍ଣନଙ୍କ ନେତୃତ୍ୱରେ ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିସ ଲାଗୁ ହେବା ପରେ କେତେ ଦୂର ଏହାକୁ ପାଳନ କରାଯାଇଛି ଓ କମିଟି କେଉଁ ଦିଗକୁ ଠିକ ଭାବେ ଆକଳନ କରି ପାରି ନଥିଲା, ଯେଉଁଥି ପାଇଁ ପ୍ରଶ୍ନପତ୍ର ଲିକ୍ ଘଟିଲା ବୋଲି ବୋଲି ଜଷ୍ଟିସ ପିଏସ୍ ନରସିମା ପ୍ରଶ୍ନ କରିଛନ୍ତି।

ଡକ୍ଟର ରାଧାକୃଷ୍ଣ ପ୍ରଥମେ ଉଚ୍ଚ ସ୍ତରୀୟ କମିଟର ଅଧ୍ୟକ୍ଷତା କରୁଥିଲେ। ଏହାପରେ ତାଙ୍କୁ ମନିଟରିଂ କମିଟିରେ ନିଯୁକ୍ତି ମିଳିଥିଲା। ବାସ୍ତବରେ ସେ କେତେ ପରିମାଣର ନୀରିକ୍ଷଣ କରିଥିଲେ ବୋଲି ଜଷ୍ଟିସ ନରସିମା ପଚାରିଛନ୍ତି।

ଡ. ରାଧାକୃଷ୍ଣନ କହିଥିଲେ ଯେ ପରୀକ୍ଷାର ସୁରକ୍ଷା ଓ ପ୍ରଶାସନକୁ ମଜବୁତ କରିବା ପାଇଁ କମିଟି ମୋଟ ୧୦୧ଟି ସୁପାରିସ କରିଥିଲା। ସେଥିରୁ ୬୦ଟି ସ୍ୱଳ୍ପକାଳୀନ ସୁପାରିସ ୨୦୨୫-୨୬ ପରୀକ୍ଷା ଚକ୍ର ପାଇଁ ଥିଲା। ଅଧିକାଂଶ ସୁପାରିସ ଲାଗୁ ହୋଇସାରିଛି ଓ ଅନ୍ୟଗୁଡ଼ିକ କାର୍ଯ୍ୟକାରୀ ହେଉଛି। ପ୍ରଶ୍ନପତ୍ର ଲିକ୍ କିପରି ଘଟିଲା ବୋଲି ପଚାରିବାରୁ ଡ. ରାଧାକୃଷ୍ଣନ କହିଥିଲେ ଯେ ସମସ୍ୟା ପ୍ରଶ୍ନପତ୍ର ପ୍ରସ୍ତୁତି ପ୍ରକ୍ରିୟାରେ ଥିଲା। ଏବେ ସେହି ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ କରାଯାଉଛି। ସୁରକ୍ଷିତ ପରୀକ୍ଷା ପରିଚାଳନା ଢାଞ୍ଚା ଆରମ୍ଭ ହୋଇଛି ଓ ଏଥିରେ ଅଭୂତପୂର୍ବ ସୁଧାର ଆସିଛି ବୋଲି ସେ କୋର୍ଟଙ୍କୁ ଜଣାଇଛନ୍ତି।

ତେବେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ କେବଳ ସୁଧାର ହେଲେ ଚାଲିବ ନାହିଁ। ଦାୟିତ୍ୱ ନିର୍ଦ୍ଧାରଣ ହେବା ଆବଶ୍ୟକ। ପ୍ରକୃତ ସମସ୍ୟା ସେତେବେଳେ ପର୍ଯ୍ୟନ୍ତ ବନ୍ଦ ହେବ ନାହିଁ, ଯେପର୍ଯ୍ୟନ୍ତ ସ୍ପଷ୍ଟ ଦାୟିତ୍ୱ ନିର୍ଦ୍ଧାରଣ ହେବ ନାହିଁ।

୨ୟ ପୃଷ୍ଠା ଦେଖନ୍ତୁ...

# ସୁଧୁରି ଯାଅ, ନଚେତ ଗୁଳି ଖାଅ



## ଆଉ ନିସ୍ତାର ନାହିଁ, ସାବାଡ଼ ହେବେ ଅପରାଧୀ

ବ୍ରହ୍ମପୁର: ସାବାଡ଼ ହୁଅ ନଚେତ୍ ଗୁଳି ଖାଅ। ଏଣିକି ଆଉ ନିସ୍ତାର ନାହିଁ, ସିଧା ଏନ୍‌କାଉଣ୍ଟର। ବହୁତ ହୋଇଗଲା, ଆଉ ନୁହେଁ, ଏଭଳି ନିର୍ଦ୍ଦେଶ ଦେଇଛନ୍ତି ପୋଲିସ ମହା ନିର୍ଦ୍ଦେଶକ। ପୂର୍ବ ସରକାର ଅମଳରେ ଦୁଇଟି ପ୍ରକ୍ରିୟା ଦେଖିବାକୁ ମିଳିଥିଲା। ଶାସନର ପ୍ରଥମାର୍ଦ୍ଧରେ ପୋଲିସର ଏନକାଉଣ୍ଟର ( ପ୍ରାୟ ୬୦ ଜଣ ଅପରାଧୀ) ହୋଇଥିଲେ ମଧ୍ୟ ଶାସନର ଶେଷ ପର୍ଯ୍ୟାୟରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ଓ ସରକାରୀ ବାବୁ ମାନଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଇବା କାରଣରୁ ଗୋଟିଏ ସରକାରର ପତନ ଘଟିଲା। ଯେଉଁ ପୋଲିସକୁ ସେତେବେଳେ ଚକମା ଦେଇ ଖସି ଯାଉଥିଲା ଅପରାଧୀ, ଯେଉଁ ପୋଲିସ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ମଧ୍ୟ ଅପଦସ୍ତ କରିବାକୁ ପଛାଉ ନ ଥିଲା, ଆଜି ସେହି ପୋଲିସ ମୁଖ୍ୟମନ୍ତ୍ରୀଙ୍କ ଚାପରେ ବାଧ୍ୟ ହୋଇ ଅପରାଧୀଙ୍କୁ କରିଛି ସିଧା ସିଧା ଟାର୍ଗେଟ । ( ଆଗକୁ ମଧ୍ୟ ଏହି ପ୍ରକ୍ରିୟା ଜାରି ରହିବ, ଯାହାଦ୍ୱାରା ରାଜ୍ୟରେ ନିଶ୍ଚିତ ରୂପେ ଅପରାଧିକ କାର୍ଯ୍ୟକଳାପ ହ୍ରାସ ପାଇବ ଓ ଅପରାଧୀ ମାନେ ସାବାଡ଼ ହେବେ, ସାଧାରଣ ଜନତା ଶାନ୍ତିରେ ନିଶ୍ୱାସ ମାରିବେ। ପୋଲିସ ମଧ୍ୟ ରାଜ୍ୟବାସୀଙ୍କର ବିଶ୍ୱାସଭାଜନ ହେବା ସହିତ ବର୍ତ୍ତମାନ ରାଜ୍ୟରେ ଶାସନ କରୁଥିବା ଲୋକପ୍ରିୟ ସରକାର ମଧ୍ୟ ଲୋକଙ୍କର ଆହୁରି ନିକଟତର ହେବ।) ପରିଣାମ ସ୍ୱରୂପ ଝାରସୁଗୁଡ଼ା, ସମ୍ବଲପୁର, ଭୁବନେଶ୍ୱର ଓ ବ୍ରହ୍ମପୁର ସହରରେ ଚାଲିଛି ପୋଲିସର ଘନ ଘନ ଏନ୍‌କାଉଣ୍ଟର। ସାରା ରାଜ୍ୟରେ କେବଳ ଚଳିତ ମେ ମାସରେ ଆଠ କୁଖ୍ୟାତ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରି ଜଖମ କରାଯାଇ ଥିବା ବେଳେ କେବଳ ବ୍ରହ୍ମପୁରରେ ପାଞ୍ଚଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗୁଳିକରି ପୋଲିସ ସାଉଁଟିଛି ବେଶ୍ ପ୍ରଶଂସା। ତେବେ ବାଲିଅନ୍ତା ସୋମ୍ୟ କେଶରେ ପୋଲିସ ବଦନାମ ହେବା ପରେ ଖୋଦ ମୁଖ୍ୟମନ୍ତ୍ରୀ ରାଜ୍ୟ ଆଇନ ସ୍ଥିତିର ଘନ ଘନ ସମୀକ୍ଷା କରିବା ପରେ ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକଙ୍କୁ କଡା ଚେତାବନୀ ଦେବା ସହ ତୁରନ୍ତ ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହାର ଫଳ ସ୍ୱରୂପ ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ପୋଲିସ ତାର ନମ୍ବର ୱାନ ଫର୍ମୁଲା ଏନ୍‌କାଉଣ୍ଟରକୁ ଆପଣାଇବା ସହିତ ନନ ଷ୍ଟପ ଆକ୍ସନ ମୋଡରେ ଏବେ ବ୍ରହ୍ମପୁର ପୋଲିସ। ପ୍ରଥମେ ମେ ୧୬ରେ ଦୁର୍ଦ୍ଦାନ୍ତ ଅପରାଧୀ ଦିପୁନା ନାୟକ, ମେ ୨୦ ରେ ଗିରି ରୋଡ ବର୍ବରତାର ମୁଖ୍ୟ ଅଭିଯୁକ୍ତ ମୁକେଶ, ମେ ୨୪ ରେ ଯୁବକଙ୍କୁ ବିଚ ରାସ୍ତାରେ ଅତି ନିର୍ମମ ଭାବେ ହାଣିବା ଘଟଣାରେ ଅଭିଯୁକ୍ତ ଜଗନ୍ନାଥ, ଆଉ ତା ପରଦିନ ରାତିରେ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ଘଟଣାରେ ଡବଲ ଏନ୍‌କାଉଣ୍ଟର କରି ବ୍ରହ୍ମପୁର ପୋଲିସ ସାରା ସହରରେ ବେଶ୍ ପ୍ରଶଂସା ସାଉଁଟିବା ସହ ଅପରାଧୀଙ୍କ ମନରେ ସୃଷ୍ଟି କରିଛି କୋକୁଆ ଭୟ। ଏଥିସହ ପୋଲିସ ଏକ ଜରୁରୀକାଳୀନ ସ୍ୱତନ୍ତ୍ର କ୍ରାଇମ ମିଟିଂ ଜରିଆରେ ଜିଲ୍ଲାର ବିଭିନ୍ନ ସ୍ଥାନର ପାଖାପାଖି ୧୦୦ ଜଣ ପେଶାଦାର ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କ ଗତିବିଧି ଉପରେ ତୀକ୍ଷଣ ନଜର ରଖିଛି। ଅପରାଧୀଙ୍କ ଚାଲିଚଳନ, ପୁରୁଣା କେଶ ରେକର୍ଡ ଓ ସେମାନଙ୍କ ସହଯୋଗୀଙ୍କ ଉପରେ ରଖା ଯାଇଛି କଡା ନଜର। ଏପରିକି ଜେଲରୁ ଜାମିନରେ ଆସିବା ପରେ ଅପରାଧି ମାନେ ନିୟମିତ ଭାବେ ଥାନାରେ ହାଜିରା ଦେବାକୁ ବାଧ୍ୟ ହେବେ। ଅନ୍ୟ ପଟେ ସହରରେ ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବ୍ରହ୍ମପୁରକୁ ପାଞ୍ଚ ପ୍ଲାଟୁନ ସ୍ୱତନ୍ତ୍ର ପୋଲିସ ଫୋର୍ସ ଆସିଥିବା ବେଳେ ଏହି ଫୋର୍ସ ଏବେ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ଫ୍ଲାଗମାର୍ଚ୍ଚ, ନାକାବନ୍ଦି ଓ ଜୋରଦାର ପେଟ୍ରୋଲିଙ୍ଗ କରୁଛନ୍ତି। ଏମିତିକି ସହରର ଯେଉଁସବୁ ଅନ୍ଧାରୁଆ ସ୍ଥାନ ରହିଛି, ସେଠାରେ ତୁରନ୍ତ ଷ୍ଟ୍ରିଟ୍ ଲାଇଟର ବ୍ୟବସ୍ଥା କରିବା ପାଇଁ ବ୍ରହ୍ମପୁର ମହାନଗର ନିଗମକୁ ନିର୍ଦ୍ଦେଶ ଦିଆ ଯାଇଛି। ଏଥିସହ ବିଭିନ୍ନ ମାମଲାରେ ଫେରାର ଥିବା ଅପରାଧୀଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବା ନେଇ ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି ଡା ଶ୍ରବଣ ବିବେକ ଏମ୍। ଏଣିକି ଆସିଛି ଅପରାଧୀ ସୁଧୁରିବାର ବେଳ । ଯଦି ସୁଧୁରି ଯାଆନ୍ତି ତେବେ ତ ରକ୍ଷା, ନଚେତ୍ ସିଧା ଗୁଳି। ଗୁଳି କେବଳ ପୁଲିସକୁ ନୁହଁ, ସାଧାରଣରେ ବି ଯଦି କୌଣସି ଅପରାଧୀ ଅପରାଧ ଘଟାଇଲେ କିମ୍ବା ଗୁଳି ଫୁଟାଇଲେ ତେବେ ସାମନାସାମନି ହେବ, ପୋଲିସର ଗୁଳି ସହ ଅପରାଧିର ଆଣ୍ଠୁ। ତେବେ ବୁଦ୍ଧିଜୀବୀଙ୍କ କହିବା କଥା ହେଉଛି, ଯଦି ପୋଲିସର ଏହି ପଦକ୍ଷେପରେ ଅପରାଧୀମାନେ ସାବାଡ଼ ହେଉ ନାହାନ୍ତି , ତା ହେଲେ ଅତି ଶୀଘ୍ର ଗୁଳି ସେମାନଙ୍କୁ ହାଫ୍ ନୁହଁ, ଫୁଲ କାଉଣ୍ଟର କରିବାର ଆବଶ୍ୟକ ରହିଛି। ତେବେ ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଜନ୍ମକୁଣ୍ଡଳୀ ଅଭିଯାନ ଏବଂ କଡା ନଜର ଯଦି ଆଗକୁ ଏମିତି ଜାରି ରହେ, ତେବେ ଆଗାମି ଦିନରେ ବ୍ରହ୍ମପୁରରେ ଅପରାଧ ହ୍ରାସ ପାଇବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଯିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅପରାଧୀଙ୍କ ଚାଲାକ୍ ପ୍ରକ୍ରିୟା ଆରମ୍ଭ। ଅପରାଧ ଘଟାଇ ସାରିବା ପରେ ଗୁଳି ଖାଇବା ଭୟରେ ଥାନାରେ କରୁଛନ୍ତି ଆତ୍ମ ସମର୍ପଣ। ତେଣୁ ପୋଲିସର ସିଧା ସିଧା ଗୁଳି ନିର୍ଦ୍ଦେଶକୁ ସିଧା ସିଧା ଆତ୍ମ ସମର୍ପଣ ଯଦି ଜାରି ରହେ, ତେବେ ଆଗକୁ ସେମାନେ ବେଲରେ ଆସି ପୁଣି ଥରେ ସେମାନଙ୍କର କାୟା ବିସ୍ତାର କରିବେ। ଯାହାଦ୍ୱାରା ସୁସ୍ଥ ସମାଜରେ ପୁଣି ଥରେ ଅଶାନ୍ତିର ବାତାବରଣ ସୃଷ୍ଟି ହେବ। ତେଣୁ ଏ ଦିଗରେ ମଧ୍ୟ ପୋଲିସ ସଚେତନ ହେବା ସହ ସରକାର ବିଚାର କରିବାକୁ ପଡିବ।



# ନିର୍ବାଣ

ଗଉରା ସେଦିନ କାହା ବାଧ୍ୟ ବାଧକତାରେ ନୁହେଁ ବରଂ ନିଜ ଇଚ୍ଛାରେ ତା ବିଚଳିତ ମନକୁ ସ୍ଥିର କରିବା ପାଇଁ ମନ୍ଦିର ବେଢାରେ ସତସଙ୍ଗରେ ଭାଗ ନେଇଥିଲା । ସାଧୁବାବା ଅନର୍ଗଳ ପ୍ରବଚନ ଦେଇ ଚାଲୁଥିଲେ ଆଉ ସେ ଆଗ୍ରହର ସହିତ ଶୁଣୁଥିଲା । ଏ ସଂସାର ରୂପକ ବିଷପୂର୍ଣ୍ଣ କୂପ ଭିତରେ ସୁବର୍ଣ୍ଣ କୁମ୍ଭରେ ପ୍ରଭୁନାମ ଅମୃତର ବିନ୍ଦୁ ସଦୃଶ । ଏ କଳି ଯୁଗର ମଣିଷମାନଙ୍କ ଉପରେ ଅହଂ, ଲୋଭ, ମୋହ, ଘୃଣା, ଅସତ୍ୟ, ଅନ୍ୟାୟ, ହିଂସା,କ୍ରୋଧ,ମିଛ, ଖଳ, ଚୋର ପ୍ରବୃତି ... ଭଳି ଅସୁରୀୟ ଗୁଣମାନଙ୍କର ରାଜୁତି ଚାଲିଛି । ଗଉରା ଭାବିଲା ଠିକ୍ ତ, ନ ହେଲେ ସେ ଘରର ବଡ଼ ପୁଅ ହୋଇ ଏତେ କାମ କଲା ପରେ ବି ତା ସାବତ ବୋଉ ତାକୁ ଭଲରେ ଗଣ୍ଡା ଖାଇବାକୁ ଦିଏନି, ତା ଭାଇ ଭଉଣୀମାନେ ଭଲ ଜମାପେଣ୍ଟ ପିନ୍ଧୁ ଥିଲା ବେଳେ ତା ଭାଗରେ ସେମାନଙ୍କ ପୁରୁଣା ଚିରା ପଡେ କାହିଁକି ? ସେମାନେ ବହି ବସ୍ତାନି ଧରି ଇସ୍କୁଲୁ ଗଲାବେଳେ ଘରବାଡ଼ି ସହିତ ଛେଳି ମେଣ୍ଢା ଗାଈବାଛୁରୀଙ୍କ ଦାୟିତ୍ୱ ତାର କଣ ପାଇଁ ? ତା ବୟସର ପିଲାମାନେ ତାକୁ ସାଙ୍ଗରେ ଖେଳେଇ ନ ଦେଇ ବୋକା ବୋକା ଚିଡେଇ ହଇରାଣ କରନ୍ତି କାହିଁକି ? , ସେ ମନେ ମନେ ବିରକ୍ତ ହେଇ ଯାଉଥିଲେ ବି କହିବାର ସାହସ ନ ଥିଲା ତାର । ସେ ପୁଣି ସତସଙ୍ଗର ସାଧୁବାବାଙ୍କ କଥାକୁ କାନେଇଲା, ଆଉ ମଣିଷର ଏହି କୁପ୍ରକୃତି କାଳକୁଟ ବିଷ ଠାରୁ ଆହୁରି ଶହେଗୁଣ ବିଷାକ୍ତ,ଏଭଳି ଉତ୍କଟ ବିଷ ପୂର୍ଣ୍ଣ ସଂସାର ମଧ୍ୟରେ ଅମୃତ ବିନ୍ଦୁଟିଏ ହେଉଛି ରାମ ନାମ । ଯୋଉ ନାମକୁ ତୁଣ୍ଡରେ ଧରିଲେ ସମସ୍ତ ପାପ, ତାପ, କଷ୍ଟ, ଯନ୍ତ୍ରଣା ଆପେ ଆପେ ଦୂରେଇ ଯାଏ ଏବଂ ସଂସାରର ମୋହ, ମାୟା, ରୋଗ, ଶୋକ, ଜଞ୍ଜାଳ ଯନ୍ତ୍ରଣାରୁ ମୁକ୍ତି ପାଇଁ ଏକ ମାତ୍ର ରାସ୍ତା ହେଉଛି ସତ୍ୟ, ଈଶ୍ୱର ଧ୍ୟାନ, ନାମ ଜପ ଯାହା ମଣିଷକୁ ନିର୍ବାଣ ପ୍ରାପ୍ତି କରାଏ । ନିଶ୍ଚୟ ତା ମୁରୁଖ ମୁଣ୍ଡରେ ନିର୍ବାଣର ମାନେ ବୁଝିବାର ଶକ୍ତି ନ ଥିଲା । ହେଲେ ସେ ଏତିକି ତ ବୁଝିପାରିଥିଲା କି ଏଇ ନିର୍ବାଣ ନିଶ୍ଚିତ ଗୋଟାଏ ବଡ଼ ଆଉ ଭଲ ଜିନିଷ, ଯାହାକୁ ତାରି ଭଳି ସାଧାରଣ ମଣିଷ ଠାରୁ ସେଇ ସତସଙ୍ଗରେ ବସିଥିବା ମହାନ ସାଧୁ ଗୁରୁଜୀ ମାନଙ୍କର ବି ଆବଶ୍ୟକ ଥାଏ । ତା ମନରେ ଆନ୍ଦୋଳିତ ହେଲା । ପିଲାଦିନେ ଦୁଖା ଦାଦିଙ୍କ କଳାଧଳା ଟି. ଭିରେ ଦେଖିଥିବା ପୌରାଣିକ ନାଟକ ଭକ୍ତ ସାଲବେଗ, ଭକ୍ତ ପ୍ରହଲ୍ଲାଦ, ଧ୍ରୁବ, ସୁଦାମା, ଅଜାମିଳ ଆଦିଙ୍କ କାହାଣୀ । ସେମାନେ କିପରି ଠାକୁରଙ୍କ ନାମଧରି ଯାବତୀୟ କଷ୍ଟରୁ ମୁକ୍ତି ପାଇଥିଲେ । ସେହି ଦିନ ଠାରୁ ସେ ଦସ୍ୟୁ ରତ୍ନାକରର ମରା ମରା ଆଉ ପ୍ରହଲ୍ଲାଦ ଭଳି ପ୍ରତ୍ୟେକ ନାମ ଓ ପ୍ରତ୍ୟେକ ବସ୍ତୁରେ ଠାକୁରଙ୍କୁ ଖୋଜିଲା । ହେଲେ ସେ ବୁଝିପାରୁନି ନ ଥିଲା କି ଏତେ ଦିନ ପରେ ତା ଭିତରେ ଏଭଳି ପରିର୍ତ୍ତନ କେମିତି ଆସିଲା, ସେ ଖାଲି ଏତିକି ଜାଣିଥିଲା କି ଆଈମାଆ କାହାଣୀର ଭାଲୁ ରଜାପୁଅ ମିତ୍ରତାରେ ବିଶ୍ୱାସ ଘାତକତାର ପରିଣାମ ଭଳି ତା ଜିଭରେ ବୋଧେ କେହି ରାମ ନାମ ଲେଖି ଦେଇଚି । କିଛି ଦିନ ପରେ ସେ ଗୃହତ୍ୟାଗୀ ହୋଇ ଏକ ମନ୍ଦିରରେ ଆଶ୍ରୟ ନେଲା ଓ ନିଜକୁ ପ୍ରଭୁ ଶ୍ରୀରାମଙ୍କ ପାଦତଳେ ସମର୍ପଣ କରି ଦେଇଥିଲା । ସଂସାରର କୌଣସି ମୋହ, ମାୟା, ଲୋଭ,ଦୁଃଖ, କଷ୍ଟ, ଯନ୍ତ୍ରଣା, ତାକୁ ଛୁଇଁ ପାରୁ ନ ଥିଲା । ପ୍ରକୃତ ଅର୍ଥରେ ଗଉରାର ସୋଦେହରେ ନିର୍ବାଣପ୍ରାପ୍ତି ହୋଇ ସାରିଥିଲା । ।। ଜୟ ଜଗନ୍ନାଥ ।।

# ଗର୍ବ ଗଞ୍ଜନ୍ତି ନରହରି

ଏ ବିଶ୍ୱବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ । ମନୁଷ୍ୟ ନିଜର ବୃଦ୍ଧି, ବିବେକ, ଜ୍ଞାନ ପାଇଁ ସର୍ବଶ୍ରେଷ୍ଠ ଆସନ ଅଳଙ୍କୃତ କରିଛି । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛି ଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ । କାରଣ ଏହା ବିଶ୍ୱାସ କରାଯାଏ । ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ପରମଶାସ୍ତ୍ର ଭାଗବତରେ ଏହା ଉଲ୍ଲେଖ ଅଛି ମହାପ୍ରଭୁ କାଳିଆ ସାଆନ୍ତ ଭକ୍ତର ଗାଳି, ନିନ୍ଦା, ଅପମାନ ହସିହସି ସହ୍ୟ କରନ୍ତି, କିନ୍ତୁ କାହାରି ଅହଂକାର, ଗର୍ବ, ଅହମିକା ସହ୍ୟ କରନ୍ତି ନାହିଁ । ସେଥିପାଇଁ ପରମଶାସ୍ତ୍ର ଭାଗବତରେ କୁହାଯାଇଛି – ଗାଳି ମୁଁ ସହଇ, ଗର୍ବ ନ ସହଇ, ତତକି ଚୂର୍ଣ୍ଣ କରଇ । ଆହୁରି ମଧ୍ୟ କୁହାଯାଇଛି– ଗର୍ବ ଗଞ୍ଜନ୍ତି ନରହରି, ଗର୍ବ ନସହନ୍ତି କାହାରି । ପରମଶାସ୍ତ୍ର ଭାଗବତ, ଭଗବତ ଗୀତାରେ ଏପରି ଅନେକ ଦୃଷ୍ଟାନ୍ତ ଅଛି ଯେପରିକି ମହାଜ୍ଞାନୀ ଦେବଦେବ ମହାଦେବଙ୍କ ପରମଭକ୍ତ ଦଶାନନ ଅହଂକାରୀ ରାବଣ, ଅତ୍ୟାଚାରୀ କଂସ, ଭଗବାନ ବିଷ୍ଣୁଙ୍କ ବାହାନ ଗରୁଡ଼, ରାଣୀ ସତ୍ୟଭାମା, ମହାବୀର ରାଜା ବାଳି, ଦେବତାଙ୍କ ରାଜା ଇନ୍ଦ୍ର, ସୁଦର୍ଶନ, ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ଦେବର୍ଷି ନାରଦ, ମହାଦାନୀ କର୍ଣ୍ଣ, ରାଜା ବଳି, ଏପରି ଅନେକଙ୍କ ଗର୍ବ ମହାପ୍ରଭୁ କାଳିଆ ସାଆନ୍ତ ଚୂର୍ଣ୍ଣ କରିଛନ୍ତି । ସୋମରସ ସେବନ କରି ନିଜର ଅହମିକା ପାଇଁ ନିଜ ନିଜ ମଧ୍ୟରେ ଲଢେଇ କରୁଥିବା ନନ୍ଦବଂଶକୁ ଭଗବାନ ଶ୍ରୀକୃଷ୍ଣ ନିଜେ ନିଜର ବଂଶକୁ ନିପାତ କରିଛନ୍ତି । ଗୋଟିଏ ଗଳ୍ପ ମାଧ୍ୟମରେ ଏହି ବିଷୟବସ୍ତୁକୁ ମୁଁ ଉପସ୍ଥାପନା କରିବି । ଗୋଟିଏ ରାଜ୍ୟରେ ଜଣେ ମହାପରାକ୍ରମୀ, ମହାବଳଶାଳୀ, ମହାଜ୍ଞାନୀ, ଆକର୍ଷଣୀୟ ଅତି ସୁନ୍ଦର ହୃଷ୍ଟପୃଷ୍ଟ ଚେହେରା ଥିବା ବିଶ୍ୱବିଜୟୀ ରାଜା ଥିଲେ । ସେ ଏତେ ପରାକ୍ରମୀ ସାହସୀ, ବଳଶାଳୀ ଥିଲେ, ତାଙ୍କ ନାଁ ଶୁଣି ଅନେକ ରାଜ୍ୟର ରାଜା ବିନା ଯୁଦ୍ଧରେ ପରାଜୟ ସ୍ୱୀକାର କରି ତାଙ୍କର ରାଜ୍ୟକୁ ସ୍ୱହସ୍ତରେ ଟେକିଦେଉଥିଲେ । ରାଜା ଏତେ ପରାକ୍ରମୀ ଥିଲେ କି ୧୦୦୦ରୁ ଅଧିକ ରାଜ୍ୟରେ ସେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ତାଙ୍କର ଅନେକ ସୈନ୍ୟ ସାମନ୍ତ, ଅଜସ୍ର ଧନସମ୍ପତ୍ତି, ହୀରା, ନୀଳା, ମୋତି, ମାଣିକରେ ଭରପୁର ଥିଲା ତାଙ୍କର ଭଣ୍ଡାର । ସେ ରାଜାଙ୍କର ଏତେ ଅହଂକାର ଓ ଅହମିକା ଥିଲା କି ରାଜ୍ୟର ମନ୍ତ୍ରୀ, ସୈନ୍ୟ ସାମନ୍ତ, ପଡୋଶୀ ରାଜ୍ୟର ରାଜା, ଋଷିମୁନି, ପଣ୍ଡିତ ମାନଙ୍କୁ ପଶୁଠାରୁ ଭି ହୀନ ଚକ୍ଷୁରେ ଦେଖୁଥିଲେ । ସେ ରାଜାଙ୍କର ଯେତେବେଳେ ଯାହାଭି ମନରେ ଅଭିଳାଷା ଜାଗ୍ରତ ହେଉଥିଲା । ସେ ଅବିଳମ୍ବେ ନିଜର ଅର୍ଥ ବଳ, ବାହୁ ବଳ, କୁଟନୀତି ପ୍ରୟୋଗ କରି ତାକୁ ହାସଲ କରୁଥିଲେ । ରାଜାଙ୍କର ମୃଗ ଶିକାର କରିବା ସଉକ ଥିଲା । ଦିନେ ସେ ନିଜର ସୈନ୍ୟସାମନ୍ତଙ୍କ ସହ ମୃଗ ଶିକାର କରିବାକୁ ବାହାରିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ମୃଗ ପଛରେ ଧାବମାନ ପଥଭ୍ରଷ୍ଟ ହୋଇ ଘଞ୍ଚ ଅରଣ୍ୟ ମଧ୍ୟରେ ପ୍ରବେଶ କଲେ । ଆଉ ତାଙ୍କର ସୈନ୍ୟ ସାମନ୍ତଙ୍କ ସହ ଭେଟ ହୋଇନଥିଲା । ସେହି ଘଞ୍ଚ ଅରଣ୍ୟ ମଧ୍ୟରେ ଦୀର୍ଘ ଦିନରୁ ଭୋକିଲା ଥିବା ଏକ ମହାବଳ ବାଘ ରାଜାଙ୍କୁ ଆକ୍ରମଣ କରିବା ପାଇଁ କ୍ଷିପ୍ର ଗତିରେ ଅଗ୍ରସର ହେଲା । ମହାବଳ ବାଘଠାରୁ ରକ୍ଷା ପାଇବା ପାଇଁ ଅନ୍ୟ କୌଣସି ଉପାୟ ନପାଇ ରାଜା ରକ୍ଷା କର ରକ୍ଷା କର ବୋଲି ଚିତ୍କାର କରିଥିଲେ । ରାଜାଙ୍କର ଚିତ୍କାର ଶୁଣି ତାଙ୍କର ମନ୍ତ୍ରୀ, କିଛି ସୈନ୍ୟ ସାମନ୍ତ ରାଜାଙ୍କର ସମ୍ମୁଖକୁ ଆସିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର ନକରି ଭୟରେ ପଳାୟନ କରିଥିଲେ । ରାଜା ଯେତେ ନେହୁରା ହେଲେ ମଧ୍ୟ ସେମାନେ କୌଣସି କଥା କର୍ଣ୍ଣପାତ କରିନଥିଲେ ।

ପରିଶେଷରେ ମହାବଳ ବାଘର ଆକ୍ରମଣରେ ମାତ୍ର କିଛି ସମୟ ମଧ୍ୟରେ ନିଜକୁ ମହାପରାକ୍ରମୀ, ବଳଶାଳୀ, ମହାଜ୍ଞାନୀ ମନେକରୁଥିବା ରାଜାଙ୍କର ଜୀବନ ଦୀପ ଲିଭିଯାଇଥିଲା । ସେ ଅର୍ଜନ କରିଥିବା ଅମାପ ସମ୍ପତ୍ତି, ପୁଳା ପୁଳା ଟଙ୍କା, ହୀରା, ନୀଳା, ମୋତି, ମାଣିକ ତାଙ୍କର ସନ୍ତାନ, ସନ୍ତତି ଭୋଗ କରିଥିଲେ କିନ୍ତୁ ସେ ନିଜେ ଉପଭୋଗ କରିପାରିଲେ ନାହିଁ, ତାଙ୍କର ଅଧୁରା ସ୍ୱପ୍ନ ସ୍ୱପ୍ନରେ ରହିଗଲା ।

ଆଶୁତୋଷ ନାୟକ
ଗୋପାଳପୁର,ବାଲେଶ୍ୱର
ମୋବାଇଲ–୭୦୨୦୬୧୧୩୦୦

# ବିଶ୍ୱ ସାମାଜିକ ପରିବର୍ତ୍ତନର ଏକ ଶକ୍ତିଶାଳୀ ପ୍ରେରଣାଶକ୍ତି

ମେ ମାସରେ ପ୍ରାଉଟ୍ ((PROUT)) ର ସ୍ଥାପକ ଶ୍ରୀ ଶ୍ରୀ ପ୍ରଭାତ ରଞ୍ଜନ ସରକାରଙ୍କ ୧୦୫ତମ ଜନ୍ମ ଜୟନ୍ତୀ 'ଆନନ୍ଦ ପୂର୍ଣ୍ଣିମା' ପାଳିତ ହୋଇଥିଲା। ତାଙ୍କର ଆଧ୍ୟାତ୍ମିକ ନାମ ଥିଲା ଶ୍ରୀ ଶ୍ରୀ ଆନନ୍ଦମୂର୍ତ୍ତି ଅର୍ଥାତ୍ ଯିଏ ଆନନ୍ଦର ମୂର୍ତ୍ତ ସ୍ୱରୂପ ଭାବେ ସମସ୍ତଙ୍କୁ ଆକର୍ଷିତ କରନ୍ତି। ତାଙ୍କ ଅନୁୟାୟୀମାନେ ସ୍ନେହଭରେ ତାଙ୍କୁ ''ବାବା'' ବୋଲି ଡାକୁଥିଲେ। ମାନବ ସମାଜର କଲ୍ୟାଣ ପାଇଁ ତାଙ୍କର ଅଦ୍ୱିତୀୟ ଦର୍ଶନ ଓ ଦୃଢ଼ ଆଦର୍ଶ ଆଜିପର୍ଯ୍ୟନ୍ତ ଲକ୍ଷାଧିକ ଲୋକଙ୍କୁ ପ୍ରେରିତ କରୁଛି। ସେ ପ୍ରଚାର କରିଥିବା ଚିନ୍ତାଧାରା ମାନବ ସଭ୍ୟତାର ସଂକଟକାଳୀନ ସମୟରେ ଏକ ନୂତନ ଦିଗ୍ଦର୍ଶନ ଦେଇଥିଲା। ତାଙ୍କ ଶିକ୍ଷାକୁ ଅନୁସରଣ କରିଥିବା ଲୋକମାନେ ନିଜ ମନର ଦୁର୍ବଳତା ଓ ନେଗେଟିଭ୍ ପ୍ରବୃତ୍ତିକୁ ଜୟ କରି ଆନ୍ତରିକ ଶାନ୍ତି ଓ ଆନନ୍ଦର ଅନୁଭୂତି କରିଥିଲେ। ତାଙ୍କର ନିଷ୍କାମ ସେବାଭାବରୁ ପ୍ରେରିତ ହୋଇ ସେମାନେ ସମାଜ ସେବା ଓ ପୀଡ଼ିତଙ୍କ ଉନ୍ନତିରେ ନିଜକୁ ନିୟୋଜିତ କରିଥିଲେ।

୧୯୫୫ ମସିହାରେ ରେଳ ବିଭାଗରେ କାର୍ଯ୍ୟରତ ଥିବା ସମୟରେ ସାଧାରଣ ପାରିବାରିକ ଜୀବନ ବିତାଉଥିବାବେଳେ ସେ ''ଆନନ୍ଦ ମାର୍ଗ'' ସଂଗଠନର ସ୍ଥାପନା କରିଥିଲେ। ''ଆତ୍ମ ସାକ୍ଷାତ୍କାର ଓ ମାନବ ସେବା''ର ମହାନ ଆଦର୍ଶକୁ ସାରା ଭାରତ ଏବଂ ପରେ ବିଶ୍ୱରେ ପ୍ରଚାର କରିବା ପାଇଁ ସେ ସନ୍ନ୍ୟାସୀ ଓ ସନ୍ନ୍ୟାସିନୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ତାଙ୍କର ବିଶ୍ୱମାନବତାବାଦୀ ଦୃଷ୍ଟିକୋଣର ପ୍ରତିଫଳନ ଭାବେ ଆନନ୍ଦ ମାର୍ଗ ଆଜି ଏକ ବହୁମୁଖୀ ସଂଗଠନର ରୂପ ନେଇଛି।

ଶିକ୍ଷା, ତ୍ରାଣ, ସମାଜକଲ୍ୟାଣ, କଳା, ପରିବେଶ ସୁରକ୍ଷା, ବୁଦ୍ଧିଜୀବୀ ଜାଗରଣ, ନାରୀମୁକ୍ତି ଏବଂ ପ୍ରାଉଟ୍ (ପ୍ରଗତିଶୀଳ ସଦ୍‌ବ୍ୟବହାର ସିଦ୍ଧାନ୍ତ) ଆଧାରିତ ମାନବିକ ଅର୍ଥନୀତି ମାଧ୍ୟମରେ ସମଗ୍ର ସମାଜର କଲ୍ୟାଣ ପାଇଁ ଏହା କାର୍ଯ୍ୟ କରୁଛି। ପ୍ରାଉଟ୍ ସମସ୍ତ ପ୍ରକାର ସମ୍ପଦ ଭୌତିକ, ମାନସିକ ଓ ଆଧ୍ୟାତ୍ମିକ ର ସର୍ବାଧିକ ସଦ୍ବ୍ୟବହାର ଓ ଯୁକ୍ତିସଙ୍ଗତ ବଣ୍ଟନକୁ ସମର୍ଥନ କରେ ଏବଂ ନ୍ୟାୟ, ସମତା ଓ ସମନ୍ୱୟ ଆଧାରିତ ଏକ ନୂତନ ମାନବିକ ସମାଜ ବ୍ୟବସ୍ଥାର ସ୍ୱପ୍ନ ଦେଖେ।

ଶ୍ରୀ ଶ୍ରୀ ଆନନ୍ଦମୂର୍ତ୍ତିଙ୍କର ବହୁ ଗୁଣମଧ୍ୟରୁ ସବୁଠାରୁ ପ୍ରମୁଖ ଥିଲା ଗରିବ ଓ ପୀଡ଼ିତ ଲୋକଙ୍କ ପ୍ରତି ତାଙ୍କର ଅସୀମ ସହାନୁଭୂତି। ଛୋଟବେଳୁ ସେ ଦୁଃଖୀ ମାନବତାର ସେବାରେ ଆତ୍ମନିୟୋଗ କରିଥିଲେ। ପିତାଙ୍କ ଦେହାନ୍ତ ପରେ ଘରର ଦାୟିତ୍ୱ ବହନ କରିବା ପାଇଁ ସେ ବଜାରକୁ ଯାଇ ସାମଗ୍ରୀ କିଣୁଥିଲେ। ଗରିବ ବ୍ୟବସାୟୀମାନଙ୍କ ଦୁଃଖ ଅନୁଭବ କରି ସେ କେବେ ଦରଦାମ କରୁନଥିଲେ ବରଂ ସେମାନେ ଯାହା ଚାହୁଁଥିଲେ ତାଠାରୁ ଅଧିକ ଦେଇଥିଲେ। ଏହା ଦେଖି ତାଙ୍କର ମାଆ ହସି କହିଥିଲେ ଯେ ଘର ପାଇଁ ସଠିକ୍ ଭାବେ ବଜାର କରିପାରୁନଥିବା ଲୋକ କିପରି ଏକ ମିଶନ୍ ଚାଳାଇବେ! କିନ୍ତୁ ଆଜି ଇତିହାସ ସାକ୍ଷୀ ଆନନ୍ଦ ମାର୍ଗ ୧୮୦ରୁ ଅଧିକ ଦେଶରେ ପ୍ରତିଷ୍ଠିତ ହୋଇ ସମାଜ ପରିବର୍ତ୍ତନର ଏକ ଶକ୍ତିଶାଳୀ ଆନ୍ଦୋଳନରେ ପରିଣତ ହୋଇଛି। ଭାରତର ଆଧ୍ୟାତ୍ମିକ ପରମ୍ପରାରେ ସେ ଏକ ଅସାଧାରଣ ଗୁରୁ ଥିଲେ। ସେ କେବଳ ଆଧ୍ୟାତ୍ମିକ ଗୁରୁ ନୁହେଁ, ଜଣେ ସାମାଜିକ ବିପ୍ଳବୀ ମଧ୍ୟ ଥିଲେ। ତାଙ୍କର କଥା ଥିଲା ''ଆନନ୍ଦ ମାର୍ଗ ଏକ ବିପ୍ଳବ। ଏହା କେବଳ ଆଧ୍ୟାତ୍ମିକ ବିପ୍ଳବ ନୁହେଁ ଏହା ଅର୍ଥନୈତିକ, ସାମାଜିକ ଓ ମାନସିକ ବିପ୍ଳବ ମଧ୍ୟ।'' ତାଙ୍କର ଚିନ୍ତାଧାରାର ବିପ୍ଳବୀ ସ୍ୱରୂପ ସ୍ପଷ୍ଟ ହୁଏ ମଣିଷମାନଙ୍କୁ ବର୍ଗ ଓ ଜାତିରେ ବିଭକ୍ତ କରିବା ଭଳି ପ୍ରାଚୀନ କୁପ୍ରଥା ପ୍ରତି ତାଙ୍କର ଦୃଢ଼ ବିରୋଧିତାରେ। ସେ ଏକ ଶ୍ରେଣୀହୀନ ସମାଜର ସ୍ୱପ୍ନ ଦେଖିଥିଲେ, ଯେଉଁଠାରେ ସମସ୍ତେ ନିଜ ଶ୍ରମରେ ଜୀବିକା ଅର୍ଜନ କରିବେ ଏବଂ ଦୁର୍ବଳଙ୍କ ସେବାକୁ ନିଜ କର୍ତ୍ତବ୍ୟ ଭାବେ ଗ୍ରହଣ କରିବେ। ଭାରତର ଜାତିବାଦୀ ସମାଜରେ ସେ ଏକ ନୂତନ ଚିନ୍ତା ଦେଇଥିଲେ ପ୍ରତ୍ୟେକ ମଣିଷରେ ଶ୍ରମିକ, ଯୋଦ୍ଧା, ବୁଦ୍ଧିଜୀବୀ ଓ ବ୍ୟବସାୟୀ ଏହି ଚାରି ଶକ୍ତିର ସମନ୍ୱୟ ରହିବା ଉଚିତ। ସେ ନିଜ ଶିଷ୍ୟମାନଙ୍କୁ ଶିଖାଇଥିଲେ ଯେ ସଂସାରକୁ ତ୍ୟାଗ କରି ନୁହେଁ, ବରଂ ସମାଜ ମଧ୍ୟରେ ରହି ସେବା ଓ ସାଧନା କରିବା ହିଁ ସତ୍ୟ ଆଧ୍ୟାତ୍ମିକତା। ଆନନ୍ଦ ମାର୍ଗର ମୂଳ ଲକ୍ଷ୍ୟ ହେଉଛି ଏକ ବିଶ୍ୱ ପରିବାର ଗଠନ, ଯେଉଁଠାରେ ମଣିଷ ମଣିଷ ମଧ୍ୟରେ କୌଣସି ଭେଦଭାବ ରହିବ ନାହିଁ। ଏଠାରେ କେବଳ ମାନବ ନୁହେଁ, ସମସ୍ତ ଜୀବଜନ୍ତୁଙ୍କୁ ମଧ୍ୟ ଏହି ସାର୍ବଜନୀନ ଭ୍ରାତୃତ୍ୱର ଅଂଶ ଭାବେ ଦେଖାଯାଏ। ଏହି ମାର୍ଗ ହିଁ ମାନବତାର ଉଜ୍ଜ୍ୱଳ ଭବିଷ୍ୟତର ପଥ।

# ଜାଗ୍ରତ ଜୀବନର ଜୟଯାତ୍ରା: ଆତ୍ମ-ନିୟନ୍ତ୍ରଣ, ସଚେତନତା ଓ ଶ୍ରେଷ୍ଠ କର୍ମର ବିଜ୍ଞାନ

## ଭୂମିକା

ମାନବ ଜୀବନ କେବଳ ସମୟ ଅତିବାହିତ କରିବାର ଏକ ମାଧ୍ୟମ ନୁହେଁ, ବରଂ ଏହା ଆତ୍ମ-ବିକାଶ, ଶ୍ରେଷ୍ଠତା ଏବଂ ବିଶ୍ୱ-କଲ୍ୟାଣର ଏକ ମହାନ ଯାତ୍ରା। ପ୍ରତ୍ୟେକ ବ୍ୟକ୍ତି ନିଜ ଭିତରେ ଅପାର ଶକ୍ତି, ବିବେକ ଏବଂ ଉତ୍କର୍ଷର ଉତ୍ସ ନେଇ ଜନ୍ମ ହୋଇଥାଏ। କିନ୍ତୁ ଅନେକ ସମୟରେ ଆଳସ୍ୟ, ଅସ୍ଥିରତା, ଭୟ, ଅସାବଧାନତା ଏବଂ ବାହ୍ୟ ପରିସ୍ଥିତିର ପ୍ରଭାବ ତାକୁ ନିଜର ପ୍ରକୃତ ସାମର୍ଥ୍ୟଠାରୁ ଦୂରେଇ ରଖେ। ତେଣୁ ଜୀବନର ସବୁଠାରୁ ବଡ଼ ଉଦ୍ଦେଶ୍ୟ ହେଉଛି ନିଜ ଭିତରେ ଏପରି ଏକ ଚୈତନ୍ୟ ବା ଜାଗ୍ରତ ଅବସ୍ଥା ବିକଶିତ କରିବା, ଯେଉଁଥିରେ ମଣିଷ ପ୍ରତିଟି ପରିସ୍ଥିତିରେ ସ୍ଥିର, ସଜାଗ, ଆତ୍ମବିଶ୍ୱାସୀ ଏବଂ କର୍ତ୍ତବ୍ୟନିଷ୍ଠ ରହିପାରିବ। ପ୍ରକୃତ ସଫଳତା ସେହିମାନଙ୍କୁ ହିଁ ମିଳେ, ଯେଉଁମାନେ ସୁଯୋଗ ଆସିବାକୁ ଅପେକ୍ଷା କରନ୍ତି ନାହିଁ, ବରଂ ନିଜକୁ ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ ରଖନ୍ତି। ଜୀବନରେ ହଠାତ୍ ପରିବର୍ତ୍ତନ, ଆହ୍ୱାନ ଏବଂ ସୁଯୋଗ ଯେକୌଣସି ସମୟରେ ଆସିପାରେ। ଯେଉଁ ବ୍ୟକ୍ତି ମାନସିକ, ନୈତିକ ଏବଂ ଆଧ୍ୟାତ୍ମିକ ଭାବରେ ସର୍ବଦା ପ୍ରସ୍ତୁତ, ସେ ହିଁ ଶ୍ରେଷ୍ଠ ସଫଳତା ହାସଲ କରିଥାଏ।

## ସଦା ପ୍ରସ୍ତୁତ ରହିବାର ଆବଶ୍ୟକତା

ଜୀବନ ପରିବର୍ତ୍ତନଶୀଳ। ପରିସ୍ଥିତି କେତେବେଳେ ବଦଳିଯିବ, ତାହା ଅନିଶ୍ଚିତ। ତେଣୁ ବୁଦ୍ଧିମତା ଏହା ଯେ, ମଣିଷ କେବଳ ଭବିଷ୍ୟତର କଳ୍ପନାରେ ସମୟ ନଷ୍ଟ ନକରି, ବର୍ତ୍ତମାନକୁ ଶ୍ରେଷ୍ଠ କରିବା ସହ ନିଜକୁ ସବୁ ସ୍ଥିତି ପାଇଁ ସଜାଗ ରଖିବା ଉଚିତ। ସଦା ପ୍ରସ୍ତୁତ ରହିବାର ଅର୍ଥ ହେଉଛି 'ନିଷ୍ପତ୍ତି ନେବାରେ ସ୍ୱଷ୍ଟତା' । ପରିସ୍ଥିତିରେ ଧୈର୍ଯ୍ୟରକ୍ଷା 'କର୍ତ୍ତବ୍ୟ ପ୍ରତି ତତ୍ପରତା' । ମାନସିକ ଦୃଢ଼ତା ଓ ସମୟର ସଦୁପଯୋଗ ଯେତେବେଳେ ବ୍ୟକ୍ତି କେବେ କରିବି ଅଭ୍ୟାସ ଛାଡ଼ି ନିରନ୍ତର ମାର୍ଗ ଆପଣାଏ, ସେତେବେଳେ ହିଁ ଜୀବନରେ ପ୍ରକୃତ ରୂପାନ୍ତର ଆସେ।

## ଆତ୍ମ-ନିୟନ୍ତ୍ରଣ ସଫଳତାର ମୂଳାଧାର

ମଣିଷର ସବୁଠାରୁ ବଡ଼ ବିଜୟ ବାହ୍ୟ ଜଗତ ଉପରେ ନୁହେଁ, ବରଂ ନିଜ ଉପରେ ନିୟନ୍ତ୍ରଣ ରଖିବାରେ ଥାଏ। ଯଦି ମନ, ବୁଦ୍ଧି, ଭାବନା ଏବଂ ଇନ୍ଦ୍ରିୟ ଅନୁଶାସିତ ରହେ, ତେବେ ବ୍ୟକ୍ତି ଯେକୌଣସି ଆହ୍ୱାନକୁ ସୁଯୋଗରେ ପରିଣତ କରିପାରେ। ଆତ୍ମ-ନିୟନ୍ତ୍ରଣର ଅର୍ଥ କ୍ରୋଧ ଉପରେ ସଂଯମ, ଇଚ୍ଛାଶକ୍ତିର ସଦୁପଯୋଗ ଏବଂ ଲକ୍ଷ୍ୟ ପ୍ରତି ନିଷ୍ଠା। ଯେଉଁ ବ୍ୟକ୍ତି ନିଜର ସ୍ୱାମୀ ବା ମାଲିକ ହୋଇଯାଏ, ସେ ହିଁ ଜୀବନର ପ୍ରକୃତ ବିଜେତା।

## କର୍ମ ଏବଂ ଚିନ୍ତନର ସନ୍ତୁଳନ

କେବଳ ବଡ଼ ବଡ଼ ବିଚାର ବା କେବଳ ବ୍ୟସ୍ତ ରହି କର୍ମ କରିବା ଯଥେଷ୍ଟ ନୁହେଁ। ଶ୍ରେଷ୍ଠ ଜୀବନ ପାଇଁ ଉଭୟର ସମନ୍ୱୟ ଆବଶ୍ୟକ। ପ୍ରାତଃକାଳୀନ ସକାରାତ୍ମକ ଚିନ୍ତନ, ଆତ୍ମମନ୍ଥନ ଏବଂ ଦିନସାରାର କର୍ମରେ ସେହି ସଦଗୁଣର ପ୍ରତିଫଳନ ବ୍ୟକ୍ତିକୁ ମହାନ କରିଥାଏ। ମନରେ ଶାନ୍ତି କିନ୍ତୁ କର୍ମରେ ଅଶାନ୍ତି ରହିଲେ ଜୀବନ ଅସନ୍ତୁଳିତ ହୋଇପଡ଼େ। ତେଣୁ ଯେପରି ଆମର ଚିନ୍ତାଧାରା, ସେପରି ଆମର କର୍ମ ହେବା ଉଚିତ।

## ଦୈନିକ ଆତ୍ମ-ପରୀକ୍ଷଣର ମହତ୍ତ୍ୱ

ମହାନ ବ୍ୟକ୍ତିମାନେ ପ୍ରତିଦିନ ନିଜର ସମୀକ୍ଷା କରନ୍ତି । ଯେପରି ଜଣେ ଣେ କୁଶଳୀ ପ୍ରଶାସକ ନିଜ କାର୍ଯ୍ୟର ମୂଲ୍ୟାୟନ କରନ୍ତି, ସେହିପରି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦିନ ଶେଷରେ ନିଜକୁ ପଚାରିବା ଉଚିତ– ଆଜି ମୁଁ କ'ଣ ଶିଖିଲି ?, ମୋର କେଉଁଠି ତ୍ରୁଟି ରହିଲା ?, କେଉଁ ଦୁର୍ବଳତା ଉପରେ ମୋତେ ବିଜୟ ପାଇବାକୁ ହେବ ? ଏହି ଅଭ୍ୟାସ ଆତ୍ମ-ସଂଶୋଧନର ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ।

## ସକାରାତ୍ମକ ସ୍ୱମାନର ଶକ୍ତି

ସ୍ୱମାନ ବା ସ୍ୱାଭିମାନ ବ୍ୟକ୍ତିକୁ ଊର୍ଦ୍ଧ୍ୱଗାମୀ କରେ, କିନ୍ତୁ ଅହଂକାର ତାକୁ ପତନ ଆଡ଼କୁ ନିଏ। ସକାରାତ୍ମକ ସ୍ୱମାନର ଅର୍ଥ ହେଉଛି ନିଜର ମୂଲ୍ୟବୋଧ, କର୍ତ୍ତବ୍ୟ ଏବଂ ଗରିମାକୁ ଚିହ୍ନିବା। ଯେତେବେଳେ ବ୍ୟକ୍ତି ନିଜକୁ ଦାୟିତ୍ୱବାନ ଏବଂ ଉଦ୍ଦେଶ୍ୟପୂର୍ଣ୍ଣ ମନେକରେ, ସେତେବେଳେ ତା'ର ନିଷ୍ପତ୍ତି ମଧ୍ୟ ଶ୍ରେଷ୍ଠ ହୋଇଥାଏ। ଏହା ହିଁ ଶିଖାଏ ଯେ ମୁଁ ପରିସ୍ଥିତିର ଦାସ ନୁହେଁ, ବରଂ ମୋ ଜୀବନର ନିର୍ମାତା।

## ବିଶ୍ୱ-କଲ୍ୟାଣର ଭାବନା

ଶ୍ରେଷ୍ଠ ଜୀବନ କେବଳ ନିଜ ପାଇଁ ଜିଇଁବା ନୁହେଁ। ପ୍ରକୃତ ମହାନତା ସେତେବେଳେ ଆସେ, ଯେତେବେଳେ ବ୍ୟକ୍ତି ନିଜର ଜ୍ଞାନ, ଶକ୍ତି ଏବଂ ଗୁଣ ଦ୍ୱାରା ଅନ୍ୟମାନଙ୍କର ମଧ୍ୟ ମଙ୍ଗଳ କରେ। ସ୍ୱାର୍ଥପରତାରୁ ଊର୍ଦ୍ଧ୍ୱକୁ ଉଠି ସହଯୋଗ ଏବଂ ସେବା ମନୋଭାବ ରଖିବା ହିଁ ଜଣକୁ ସମାଜରେ ଆଲୋକବର୍ତ୍ତିକା ଭାବେ ଗଢ଼ିତୋଳେ।

## ଉପସଂହାର

ମାନବ ଜୀବନର ଶ୍ରେଷ୍ଠତା ଏଇଥିରେ ଅଛି ଯେ, ବ୍ୟକ୍ତି ନିଜକୁ ଏପରି ପରିଶୋଧିତ କରୁ ଯେ ସେ ସର୍ବଦା ଅଟଳ ଏବଂ ସଜାଗ ରହିବ। ସଦା ପ୍ରସ୍ତୁତ ରହିବା, ଆତ୍ମ-ନିୟନ୍ତ୍ରଣ ଆପଣାଇବା, ଶ୍ରେଷ୍ଠ କର୍ମ କରିବା ଏବଂ ସମାଜ ହିତରେ ଜିଇଁବା ହିଁ ଏକ ସନ୍ତୁଳିତ ଜୀବନର ମୂଳଦୁଆ। ଯେତେବେଳେ ମଣିଷ ନିଜେ ନିଜର ନିର୍ମାତା ହୁଏ, ସେତେବେଳେ ସେ ନିଜ ଭାଗ୍ୟର ମଧ୍ୟ ବିଧାତା ସାଜେ। ତେଣୁ ଜୀବନର ସନ୍ଦେଶ ସ୍ୱଷ୍ଟ ନିରନ୍ତର ଜାଗ୍ରତ ରୁହ, ନିଜ ଉପରେ ବିଜୟ ପ୍ରାପ୍ତ କର ଏବଂ ନିଜର ଶ୍ରେଷ୍ଠ ଜୀବନ ଦ୍ୱାରା ଏ ସଂସାରକୁ ଅଧିକ ସୁନ୍ଦର କର।

# ଭୁବନେଶ୍ୱର ରସୁଲଗଡ଼ ଛକରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ



ଭୁବନେଶ୍ୱର : ବୁଲିଲା ବୁଲ୍‌ଡୋଜର, ଭାଙ୍ଗିଲା ବେଆଇନ ଘର। ଭୁବନେଶ୍ୱର ରସୁଲଗଡ଼ ଛକରେ ଥିବା ଦାମୀ ସରକାରୀ ଜମିରେ ଜବରଦଖଲ କରିଥିବା ଘରକୁ ଭାଙ୍ଗିଛି ବିଏମ୍‌ସି। ଏଥର କୌଣସି ବସ୍ତି ବାସିନ୍ଦା ନୁହଁ ଜଣେ ବିଲ୍‌ଡର ସରକାରୀ ଜମି ମାଡ଼ି ବସିଥିଲେ। ବୁଲିଲା ବୁଲ୍‌ଡୋଜର, ଭାଙ୍ଗିଲା ବେଆଇନ ଘର। ଭୁବନେଶ୍ୱର ରସୁଲଗଡ଼ ଛକରେ ଥିବା ଦାମୀ ସରକାରୀ ଜମିରେ ଜବରଦଖଲ କରିଥିବା ଘରକୁ ଭାଙ୍ଗିଛି ବିଏମ୍‌ସି। ଏଥର କୌଣସି ବସ୍ତି ବାସିନ୍ଦା ନୁହଁ ଜଣେ ବିଲ୍‌ଡର ସରକାରୀ ଜମି ମାଡ଼ି ବସିଥିଲେ।ମନୋରମା ଇଷ୍ଟେଟ୍ ବିଲଡର ଦୀର୍ଘଦିନ ଧରି ସରକାରୀ ଜମି ଜବରଦଖଲ କରି ରଖିଥିବା ଅଭିଯୋଗ ହୋଇଆସୁଥିଲା। ପୂର୍ବରୁ ଥରେ ଉଚ୍ଛେଦ ହୋଇଥିବା ବେଳେ ପୁଣି ଥରେ ସରକାରୀ ଜମିରେ ଆଉଟହାଉସ ନିର୍ମାଣ କରିଥିଲେ ବିଲ୍‌ଡର। ଯାହାକୁ ନେଇ ଆଜି ଆକ୍ସନ ମୋଡ୍‌କୁ ଆସିଛି ବିଏମ୍‌ସି।

# ବଡ଼ଦାଣ୍ଡରେ ମାଳ ମାଳ ଆମିଷ ଦୋକାନ

## ହୋଟେଲ–ରେଷ୍ଟୁରାଣ୍ଟରେ ଆମିଷ ଖାଦ୍ୟ ବିକ୍ରି ହାଇଜେନିକ୍ ଫିସ୍ ମାର୍କେଟ୍ କେବେ?

ପୁରୀ: ପୁରୀ ବଡ଼ଦାଣ୍ଡକୁ କେବେ କରାଯିବ ଆମିଷମୁକ୍ତ। ପୁରୀ ବଡ଼ଦାଣ୍ଡକୁ ଆମିଷ ମୁକ୍ତ କରିବା ପାଇଁ ବିଭିନ୍ନ ସଂଗଠନ ଓ ସେବାୟତଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଛି। ବଡ଼ଦାଣ୍ଡରେ ମାଳ ମାଳ ଆମିଷ ଦୋକାନ ଖୋଲିଥିବା ବେଳେ ଶ୍ରୀମନ୍ଦିର ଆସୁଥିବା ଭକ୍ତ ଶ୍ରଦ୍ଧାଳୁମାନେ ଏଭଳି ପରିବେଶ ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। କେବଳ ଆମିଷ ଦୋକାନ



ନୁହେଁବଡ଼ଦାଣ୍ଡରେ ଥିବା ଅନେକ ହୋଟେଲ, ରେଷ୍ଟୁରାଣ୍ଟରେ ମଧ୍ୟ ଆମିଷ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ବଡ଼ଦାଣ୍ଡକୁ ସମ୍ପୂର୍ଣ୍ଣ ଆମିଷମୁକ୍ତ କରିବା ପାଇଁ ଦୀର୍ଘ ବର୍ଷ ହେବ ଦାବି ଜୋର୍ ଧରି ଆସୁଛି। ତେବେ ବଡ଼ଦାଣ୍ଡ ମାର୍କେଟ ଛକ ଠାରେ ଏକ ମାଛ ମାର୍କେଟ ଥିବାବେଳେ ଆମିଷ ପାଣି ଆସି ବଡ଼ଦାଣ୍ଡରେ ଭାସୁଛି। ଏହାକୁ ନେଇ ଉଭୟ ସହର ବାସୀ ଏବଂ ଭକ୍ତ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପୁରୀ ବଡ଼ଦାଣ୍ଡକୁ ଆମିଷମୁକ୍ତ କରିବା ପାଇଁ ହେଲେ ପ୍ରଶାସନ ଏଥିପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି। ତେବେ ପୁରୀ ତାଳବଣିଆ ଠାରେ ନିର୍ମାଣ କରାଯାଇଥିବା ସ୍ୱଚ୍ଛ ମାଛ ବଜାର ବାହାଇଜେନିକ ଫିସ ମାର୍କେଟର ଉଦଘାଟନ ସରିଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରୁନାହିଁ। ପୁରୀ ଏକ ଆଧ୍ୟାତ୍ମିକ ତଥା ଧାର୍ମିକ କ୍ଷେତ୍ର ହୋଇଥିବାରୁ ପ୍ରତିଦିନ ଏଠାକୁ ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଛନ୍ତି। ଏଣୁ ବଡ଼ଦାଣ୍ଡରେ ଆମିଷ ବିକ୍ରି ଯୋଗୁଁ ଧାର୍ମିକ ଭାବନା ଉପରେ ଆଘାତ ଲାଗୁଛି। ତେଣୁ ବଡ଼ଦାଣ୍ଡରେ ଆମିଷ ବିକ୍ରି ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ବାରମ୍ବାର ଦାବି କରି ଆସୁଛନ୍ତି।

# ୫୦ କୋଟି ଆତ୍ମସାତ ପୋଷ୍ଟ ମାଷ୍ଟର ନିଲମ୍ବିତ



କୋରାପୁଟ : କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଅନେକ ଡାକ ଘରର ପୋଷ୍ଟ ମାଷ୍ଟରମାନେ ହିତାଧିକାରୀଙ୍କର ୫୦ କୋଟି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିବା ବେଳେ ବୈପାରୀଗୁଡ଼ା ପୋଷ୍ଟ ଅଫିସର ପୋଷ୍ଟ ମାଷ୍ଟର ଗୌରାଙ୍ଗ ସରକାରଙ୍କୁ ନିଲମ୍ବନ କରାଯାଇଛି।

କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଅନେକ ଡାକ ଘରର ପୋଷ୍ଟ ମାଷ୍ଟରମାନେ ହିତାଧିକାରୀଙ୍କର ୫୦କୋଟି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିବା ବେଳେ ବୈପାରୀଗୁଡ଼ା ପୋଷ୍ଟ ଅଫିସର ପୋଷ୍ଟ ମାଷ୍ଟର ଗୌରାଙ୍ଗ ସରକାରଙ୍କୁ ନିଲମ୍ବନ କରାଯାଇଛି। ଜୟପୁର ଡିଭିଜନର ବରିଷ୍ଠ ଡାକ ଅଧୀକ୍ଷକ ସତ୍ୟବାଦୀ ବିଶ୍ୱାଳ ତାଙ୍କୁ ନିଲମ୍ବନ କରିଛନ୍ତି।

ପୋଷ୍ଟ ମାଷ୍ଟର ଗୌରାଙ୍ଗ ସରକାର ଝରିଗାଁ ସବ୍ ପୋଷ୍ଟ ଅଫିସରେ ଥିବା ବେଳେ ହିତାଧିକାରୀଙ୍କ ଟଙ୍କା ଚଳୁ କରିଥିବା ଅଭିଯୋଗ ହୋଇଛି। ଏହି ୫୦ କୋଟି ଟଙ୍କା ଆତ୍ମସାତ ମାମଲାରେ କୋଡିଙ୍ଗା ଓ ଡାବୁଗାଁ ପୋଷ୍ଟ ମାଷ୍ଟରଙ୍କର ମଧ୍ୟ ସଂପୃକ୍ତି ରହିଥିବା ଅଭିଯୋଗ ରହିଛି। ସେମାନଙ୍କ ବିରୋଧରେ ତଦନ୍ତ ଚାଲିଛି। ନବରଙ୍ଗପୁର ଜିଲ୍ଲାର ଝରିଗାଁ, କୋଡିଙ୍ଗା ଓ ଡାବୁଗାଁ ପୋଷ୍ଟ ଅଫିସ ସହ ଅନ୍ୟାନ୍ୟ କିଛି ଡାକ ଘର ଓ କୋରାପୁର କିଛି ଡାକଘରେ ଏହି ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। କିଛି ଦିନ ତଳେ ନବରଙ୍ଗପୁରର ପୂର୍ବତନ ସାଂସଦ ତଥା ବିଜେଡି ନେତା ପ୍ରଦୀପ ମାଝୀ ଓ ଜୟପୁରର ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ରବିନାରାୟଣ ନନ୍ଦ ଜୟପୁରରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ବର୍ତ୍ତମାନର ଭିବି ଜୀ ରାମଜୀ) ସହିତ ଅନ୍ୟ ସରକାରୀ ଯୋଜନାରେ ହିତାଧିକାରୀଙ୍କୁ ମିଳୁଥିବା ଟଙ୍କାକୁ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଅନେକ ଡାକଘର ହଡ଼ପ କରିଛନ୍ତି। ଚଞ୍ଚକତା କରି ଲକ୍ଷାଧିକ ଜମା ଖାତରୁ ଖୋଦ୍ ଡାକଘର ପୋଷ୍ଟ ମାଷ୍ଟରମାନେ ଟଙ୍କା ଆତ୍ମସାତ କରିଛନ୍ତି। ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବିଭିନ୍ନ ରାଷ୍ଟ୍ରାୟାତ ବ୍ୟାଙ୍କ ସହିତ ପୋଷ୍ଟ ଅଫିସରେ ଆକାଉଣ୍ଟ ଖୋଲି ଲୋକଙ୍କୁ ସେମାନଙ୍କ ମଜୁରୀ ଟଙ୍କା ଦିଆଯାଉଥିବା ବେଳେ ଡାକଘର କର୍ମଚାରୀମାନେ ସେହି ଟଙ୍କାକୁ ଚଳୁ କରିଛନ୍ତି। ତା' ସହିତ ଅନ୍ୟାନ୍ୟ ସରକାରୀ ଯୋଜନାର ଡିବିଟି ପାଣ୍ଠିକୁ ହଡ଼ପ କରାଯାଇଛି। ଏହି ଠକେଇ ପାଇଁ ହିତାଧିକାରୀଙ୍କ ପରିଚୟପତ୍ରରେ ହେରଫେର କରାଯାଇଛି।

ନବରଙ୍ଗପୁର ଜିଲ୍ଲାର ଡାବୁଗା, ଝରିଗାଁ ଓ କୋଡିଙ୍ଗା ଡାକଘରର ଅଧିକାଂଶ ଆକାଉଣ୍ଟଧାରୀଙ୍କ ଏପରି ଠକେଇର ଶିକାର ହୋଇଥିବା ଏହି ଦୁଇ ନେତା ଅଭିଯୋଗ କରିଥିଲେ। ଏଭଳି ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଥିଲା ଡାକ ବିଭାଗ। ଏହା ପରେ ବୈପାରୀଗୁଡ଼ା ପୋଷ୍ଟ ଅଫିସର ପୋଷ୍ଟ ମାଷ୍ଟର ଗୌରାଙ୍ଗ ସରକାରଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଆଉ ଦୁଇ ପୋଷ୍ଟ ମାଷ୍ଟରଙ୍କ ବିରୋଧରେ ତଦନ୍ତ ଜାରି ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଧରପଗଡ଼ ଭୟ: ବାଂଲାଦେଶ.....

କରିଛନ୍ତି ଯେ, ବେଆଇନ ବାଂଲାଦେଶୀ ପ୍ରବାସୀଙ୍କୁ କୌଣସି ଆଶ୍ରୟ ଦିଆଯିବ ନାହିଁ କିମ୍ବା କୋର୍ଟରେ ହାଜର ନକରି ସିଧାସଳଖ ସୀମାରେ ବିଏସଏଫ ହାତରେ ସମର୍ପଣ କରାଯିବ। ଏହା ସହ ପୂର୍ବ ସରକାରଙ୍କ ସମୟରେ ପ୍ରଦାନ କରାଯାଉଥିବା ୩୯୩୯ଲକ୍ଷ୍ମୀର ଭଣ୍ଡାର୩୯୩୯ ଯୋଜନାରୁ ପ୍ରାୟ ୩୦ ଲକ୍ଷଅଯୋଗ୍ୟ ତଥା ଅଣ-ଭାରତୀୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ସମସ୍ତ ସରକାରୀ ସୁବିଧା କାଟି ଦିଆଯାଇଛି ଏବଂ ନୂତନ ୩୯୩୯ଅନ୍ନପୂର୍ଣ୍ଣା ଭଣ୍ଡାର୩୯୩୯ ଯୋଜନାରୁ ସେମାନଙ୍କୁ ସମ୍ପୂର୍ଣ୍ଣ ଦୂରେଇ ରଖାଯାଇଛି। ସେହିପରି ବେଆଇନ ପ୍ରବାସୀଙ୍କୁ ଘର ଭଡ଼ା ଦେଲେ ୨ ଲକ୍ଷ ଟଙ୍କାର ଜରିମାନା ଓ ୨ ବର୍ଷର ଜେଲ୍ ଦଣ୍ଡର ପ୍ରାବଧାନ କରାଯାଇଥିବାରୁ ଜମିମାଲିକମାନେ ମଧ୍ୟ ସେମାନଙ୍କୁ ବାହାର କରିଦେଉଛନ୍ତି, ଯାହାଫଳରେ ସେମାନଙ୍କ ପାଇଁ ଏଠାରେ ରହିବା ଅସମ୍ଭବ ହୋଇପଡ଼ିଛି। ଅନ୍ୟପଟେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ଦିନ ଏହି ପ୍ରସଙ୍ଗରେ କହିଛନ୍ତି ଯେ, ଅନୁପ୍ରବେଶକାରୀମାନେ ନିଜ ଇଚ୍ଛାରେ ଦେଶ ଛାଡ଼ି ପଳାଉଥିବାରୁ ସରକାର ସେମାନଙ୍କ ବିରୁଦ୍ଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ। ଏହା ସହ ସୀମା ସୁରକ୍ଷାକୁ ଅଧିକ ମଜବୁତ କରିବା ପାଇଁ ଚିକେନ୍ ନେକ୍ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ବିଏସଏଫକୁ ୬୦୦ ହେକ୍ଟର ଜମି ହସ୍ତାନ୍ତର କରିଥିବାରୁ ସେ ଶୁଭେନ୍ଦୁ ଅଧିକାରୀଙ୍କୁ ପ୍ରଶଂସା କରିଛନ୍ତି। ସୁରକ୍ଷା ଏଜେନ୍ସିଗୁଡ଼ିକର ମତରେ, ଏହି ବେଆଇନ ଅନୁପ୍ରବେଶ କେବଳ ସୀମା ସୁରକ୍ଷାର ଉଲ୍ଲଂଘନ ନୁହେଁ, ବରଂ ଏହା ଦେଶର ପ୍ରଶାସନିକ ଏବଂ ଆର୍ଥିକ ବ୍ୟବସ୍ଥା ଉପରେ ଏକ ବିରାଟ ବୋଝ ସଦୃଶ ଥିଲା, ଯାହା ବର୍ତ୍ତମାନର କଡ଼ା ଆଭିମୁଖ୍ୟ ଯୋଗୁଁ ନିୟନ୍ତ୍ରଣକୁ ଆସୁଛି।

## ୟୁପିଏସସି ଠାରୁ .....

ସଲିସିଟର ଜେନେରାଲ୍ ତୁଷାର ମେହେତା କୋର୍ଟକୁ ଜଣାଇଥିଲେ ଯେ ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ ଜାରି ରହିଛି। ଜୁନ୍ ୨୧ରେ ହେବାକୁ ଥିବା ପୁନଃପରୀକ୍ଷା ପୂର୍ବରୁ ନୂତନ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯିବ।ଏହି ପ୍ରସଙ୍ଗକୁ ସର୍ବୋଚ୍ଚ ସରକାରୀ ସ୍ତରରେ ନଜର ରଖାଯାଉଛି। ପ୍ରଧାନମନ୍ତ୍ରୀ ନିଜେ ଏହାର ତଦାରଖ କରୁଛନ୍ତି।

## ସମ୍ପାଦକୀୟ

THE BIPLABI PARIKRAMA
ବିପ୍ଳବୀ ପରିକ୍ରମା

# ଯୁଦ୍ଧ ଓ ଯୁଦ୍ଧ ଅପରାଧୀ

୨୦୨୫ ଜୁନ୍‌ରେ ଆମେରିକା ଓ ଇସ୍ରାଏଲଙ୍କ ଇରାନ୍ ବିରୋଧୀ ୧୨ ଦିନିଆ ଯୁଦ୍ଧ ଆନ୍ତର୍ଜାତୀୟ ରାଜନୀତି ଓ ମାନବିକ ଆଇନକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି। ଯୁଦ୍ଧର ଆରମ୍ଭରେ ଇରାନର ରାଜନୈତିକ ଓ ସାମରିକ ନେତୃତ୍ୱକୁ ଲକ୍ଷ୍ୟ କରି ପୂର୍ବାକ୍ରମଣ ହୋଇଥିବା ଖବର ମିଳିଥିଲା। ଏହା ସେତେବେଳେ ଘଟିଥିଲା, ଯେତେବେଳେ କୂଟନୀତିକ ଆଲୋଚନା ଚାଲିଥିଲା। ଏହି ଯୁଦ୍ଧକାଳୀନ ସମୟରେ ଦକ୍ଷିଣ ଇରାନର ମିନାବ ସହରର ଜଣେ କନ୍ୟା ବିଦ୍ୟାଳୟ ଉପରେ ମିସାଇଲ୍ ଆକ୍ରମଣ ହୋଇଥିବା ଓ ଅନେକ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଆସିଛି। ଯଦି ଏପରି ଘଟଣା ସତ୍ୟ ପ୍ରମାଣିତ ହୁଏ, ତେବେ ଏହା ଆନ୍ତର୍ଜାତୀୟ ମାନବିକ ଆଇନର ଗୁରୁତର ଉଲ୍ଲଂଘନ ଭାବେ ଗଣ୍ୟ ହେବ। ଯୁଦ୍ଧରେ ସାଧାରଣ ନାଗରିକ, ବିଶେଷକରି ଶିଶୁମାନଙ୍କ ମୃତ୍ୟୁ, ସମଗ୍ର ମାନବ ସମାଜ ପାଇଁ ଏକ ଗଭୀର ଚିନ୍ତାର ବିଷୟ। ଇତିହାସ ଦେଖାଇଛି ଯେ, ଯୁଦ୍ଧ ଶେଷରେ ବିଜୟୀ ପକ୍ଷ ସାଧାରଣତଃ ପରାଜିତଙ୍କୁ ଯୁଦ୍ଧ ଅପରାଧୀ ଭାବେ ଚିହ୍ନଟ କରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ନ୍ୟୁରେମ୍ବର୍ଗ ଓ ଟୋକିଓ ଟ୍ରାଇବ୍ୟୁନାଲ୍‌ରେ ଜର୍ମାନୀ ଓ ଜାପାନର ନେତାମାନଙ୍କୁ ବିଚାର କରାଯାଇଥିଲା। କିନ୍ତୁ ଏହି ସମୟରେ ହିରୋଶିମା ଓ ନାଗାସାକି ଉପରେ ପରମାଣୁ ବୋମା ନିକ୍ଷେପ ଭଳି ଘଟଣାକୁ ନେଇ ବିଜୟୀ ଶକ୍ତିମାନଙ୍କ ଭୂମିକା ସମାନ ଭାବେ ବିଚାର ହୋଇନଥିଲା।

ଏହି ପରିପ୍ରେକ୍ଷୀରେ ''ବିଜୟୀଙ୍କ ନ୍ୟାୟ'' ବୋଲି ଯେଉଁ ଆପତ୍ତି ଯୁଦ୍ଧ ଅପରାଧ ଟ୍ରାଇବ୍ୟୁନାଲ୍‌ଗୁଡ଼ିକ ବିରୋଧରେ ଉଠେ, ତାହାକୁ ଅନୁଦିଗ୍ଧ କରାଯାଇପାରିବ ନାହିଁ। ଯଦି ଇତିହାସର ଫଳାଫଳ ଅନ୍ୟରକମ ହୋଇଥାନ୍ତା, ତେବେ ଆଜି ଯେମାନେ ବିଜୟୀ, ସେମାନେ ମଧ୍ୟ ସମ୍ଭବତଃ ଅଭିଯୁକ୍ତ ଆସନରେ ବସିଥାନ୍ତେ।

୨୦୦୨ ମସିହାରେ ଗଠିତ ଆନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ ଯୁଦ୍ଧ ଅପରାଧ, ନରସଂହାର ଓ ମାନବତା ବିରୋଧୀ

ଅପରାଧର ବିଚାର ପାଇଁ ଗଠିତ ହୋଇଥିଲା। କିନ୍ତୁ ଆମେରିକା, ରୁଷ ଓ ଭାରତ ଭଳି ଶକ୍ତିଶାଳୀ ଦେଶ ଏପର୍ଯ୍ୟନ୍ତ ରୋମ୍ ସନ୍ଧିକୁ ଅନୁମୋଦନ କରିନାହାନ୍ତି। ଏହା ର କ୍ଷମତା ଓ ନିଷ୍ପକ୍ଷତାକୁ ନେଇ ପ୍ରଶ୍ନ ସୃଷ୍ଟି କରେ।

ସମ୍ପ୍ରତି ଗାଜା ସଂଘର୍ଷକୁ କେନ୍ଦ୍ର କରି ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିବା ଘଟଣା ଆନ୍ତର୍ଜାତୀୟ ନ୍ୟାୟବ୍ୟବସ୍ଥାର ସୀମାବଦ୍ଧତାକୁ ପୁନର୍ବାର ଆଲୋଚନାର କେନ୍ଦ୍ରକୁ ଆଣିଛି। ଯୁଦ୍ଧରେ ନ୍ୟାୟ ଯଦି ସମସ୍ତଙ୍କ ପାଇଁ ସମାନ ନହୁଏ, ତେବେ କେବଳ ପରାଜିତଙ୍କୁ ଦଣ୍ଡିତ କରିବା କେତେଦୂର ନ୍ୟାୟସଙ୍ଗତ ଯୁଦ୍ଧର ନାମରେ ନିର୍ଦୋଷ ନାଗରିକଙ୍କ ମୃତ୍ୟୁ ଯେ କୌଣସି ପକ୍ଷରୁ ହେଉ, ତାହାର ନିଷ୍ପକ୍ଷ ଓ ଆନ୍ତର୍ଜାତୀୟ ତଦନ୍ତ ଆବଶ୍ୟକ। ନଚେତ୍ ''ଯୁଦ୍ଧ ଅପରାଧ'' ଶବ୍ଦଟି କେବଳ ଦୁର୍ବଳଙ୍କ ବିରୋଧରେ ବ୍ୟବହୃତ ଏକ ରାଜନୈତିକ ଅସ୍ତ୍ର ହୋଇ ରହିଯିବ। ଆଜି ବିଶ୍ୱ ସମୁଦାୟର ସାମ୍ନାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଆନ୍ତର୍ଜାତୀୟ ନ୍ୟାୟ କି ସତରେ ସମସ୍ତଙ୍କ ପାଇଁ ସମାନ, ନା କି ସେଥିରେ ମଧ୍ୟ ଶକ୍ତିର ପ୍ରଭାବ କାର୍ଯ୍ୟ କରେ

# ସମାଲୋଚନା ସମସ୍ତଙ୍କୁ ଶିକ୍ଷା ଦେଇଥାଏ

ମାନବ ଜୀବନ ଏକ ଶିକ୍ଷାର ପଥ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜଣେ ବ୍ୟକ୍ତି ଶିକ୍ଷା ଲାଭ କରିଥାଏ । ପରିବାର, ସମାଜ, ପରିବେଶ, ଅଭିଜ୍ଞତା ଏବଂ ବିଭିନ୍ନ ଘଟଣା ମାନ ଜଣେ ବ୍ୟକ୍ତିକୁ ସଦା ଶିକ୍ଷା ଦେଇଥାଏ । ଏହି ସମସ୍ତ ଶିକ୍ଷା ମଧ୍ୟରେ ସମାଲୋଚନା ଏକ ଅତ୍ୟନ୍ତ ମୂଲ୍ୟବାନ ଶିକ୍ଷକ। ସମାଲୋଚନା କେବଳ ଅନ୍ୟମାନଙ୍କର ଦୋଷ ଖୋଜିବା ନୁହେଁ ବରଂ ସେମାନଙ୍କର ଦୋଷଗୁଡ଼ିକୁ ଦର୍ଶାଇବା ଏବଂ ସେମାନଙ୍କୁ ସଠିକ୍ ରାସ୍ତାରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେବା ବିଷୟରେ ମଧ୍ୟ ସାହାଯ୍ୟ କରିଥାଏ । ଯଦି ଜଣେ ବ୍ୟକ୍ତି ପ୍ରକୃତ ସମାଲୋଚନା ଗ୍ରହଣ କରନ୍ତି ତେବେ ସେ ନିଜ ଜୀବନକୁ ବହୁତ ଉନ୍ନତ କରିପାରିବେ। ଆଜିର ସମାଜରେ ଅନେକ ଲୋକ ସମାଲୋଚନାକୁ ଏକ ଖରାପ ଜିନିଷ ବୋଲି ବିବେଚନା କରନ୍ତି। କେହି ନିଜ ଦୋଷ ବିଷୟରେ ଶୁଣିବାକୁ ଚାହାଁନ୍ତି ନାହିଁ। କିନ୍ତୁ ବାସ୍ତବରେ ସମାଲୋଚନା ଜଣେ ବ୍ୟକ୍ତିକୁ ସଚେତନ କରାଏ ଓ ତାଙ୍କୁ ସେମାନଙ୍କର ଦୁର୍ବଳତା ବୁଝାଏ ଏବଂ ସଫଳତାର ପଥ ମଧ୍ୟ ଦେଖାଏ। ସମାଲୋଚନା ଶବ୍ଦର ଅର୍ଥ ହେଉଛି ଯେକୌଣସି କାର୍ଯ୍ୟ, ବ୍ୟକ୍ତି, ଚିନ୍ତାଧାରା କିମ୍ବା ସୃଷ୍ଟିର ଭଲ ଏବଂ ଖରାପ ଦିଗ ବିଶ୍ଳେଷଣ କରିବା। ଏହା ଦୁଇ ପ୍ରକାରର ହୋଇପାରେ। ଯଥା – ପ୍ରଥମତଃ ସକାରାତ୍ମକ ସମାଲୋଚନା, ଯାହା ଜଣେ ବ୍ୟକ୍ତିକୁ ଉନ୍ନତିର ପଥ ଦେଖାଏ। ଦ୍ୱିତୀୟତଃ ନକାରାତ୍ମକ ସମାଲୋଚନା, ଯାହା କେବଳ ଅପମାନ କିମ୍ବା ଅପମାନିତ କରିବା ପାଇଁ ବ୍ୟବହୃତ ହୁଏ। ସକାରାତ୍ମକ ସମାଲୋଚନା ଜଣେ ବ୍ୟକ୍ତିକୁ ଖୁସି କରିଥାଏ କିନ୍ତୁ ନକାରାତ୍ମକ ସମାଲୋଚନା ମନକୁ କଷ୍ଟ ଦେଇଥାଏ। ତଥାପି ଜଣେ ବ୍ୟକ୍ତି ଉଭୟ ପ୍ରକାରର ସମାଲୋଚନାରୁ କିଛି ଶିଖିପାରେ। ଲୋକମାନେ ସବୁବେଳେ ନିଜର ଭୁଲ ଦେଖନ୍ତି ନାହିଁ। ଅନ୍ୟମାନେ ସେମାନଙ୍କୁ ଦେଖାଇଲେ ସେମାନେ ସେଗୁଡ଼ିକ ବିଷୟରେ ସଚେତନ ହୁଅନ୍ତି। ଯେପରି ଦର୍ପଣ ମୁହଁରେ ଦାଗ ଦେଖାଏ ଠିକ୍ ସେହିପରି ସମାଲୋଚନା ଜୀବନର ତ୍ରୁଟିଗୁଡ଼ିକୁ ପ୍ରକାଶ କରେ। ଯଦି ଜଣେ ଛାତ୍ର ଭୁଲ ଉତ୍ତର ଲେଖନ୍ତି ଏବଂ ଶିକ୍ଷକ ତାହାକୁ ସଂଶୋଧନ କରନ୍ତି ତେବେ ସେହି ଛାତ୍ର ପରେ ସଠିକ୍? ଉତ୍ତର ଲେଖିବାକୁ ଶିଖେ। ଏହା ସମାଲୋଚନାର ଶିକ୍ଷାଗତ ଭୂମିକା। ସମାଲୋଚନା ଜଣେ ବ୍ୟକ୍ତିଙ୍କୁ ଆତ୍ମ-ସଚେତନତା, ଧୈର୍ଯ୍ୟ, ସହନଶୀଳତା, ଭୁଲ ସଂଶୋଧନ କରିବାର ଇଚ୍ଛା ଏବଂ ନମ୍ରତା ଶିଖାଏ। ସମାଲୋଚନା ଗ୍ରହଣ କରିପାରୁଥିବା ବ୍ୟକ୍ତି ଜୀବନରେ ଅଧିକ ସଫଳ ହୁଅନ୍ତି।

ଶିକ୍ଷାରେ ସମାଲୋଚନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଜଣେ ଶିକ୍ଷକ ଜଣେ ଛାତ୍ରର ଭୁଲ ଦର୍ଶାଇବେ ନାହିଁ ତେବେ ଛାତ୍ର ପରିମାର୍ଜିତ ହେବ କେମିତି । ଯଦି ଶିକ୍ଷକ କେବେ ଭୁଲ ଦର୍ଶାଇବେ ନାହିଁ ତେବେ ଛାତ୍ରର ଅଜ୍ଞତାରେ ବଢି ଚାଲିବ । ଏହି ସମାଲୋଚନା ଛାତ୍ରକୁ ଜ୍ଞାନୀ ଏବଂ ସକ୍ଷମ କରିଥାଏ। ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ହେଉଛି ଭୁଲରୁ ଶିଖିବା। ତେଣୁ ସମାଲୋଚନା ଶିକ୍ଷାର ଏକ ଅତ୍ୟାବଶ୍ୟକୀୟ ଅଂଶ। ପରିବାର ହେଉଛି ଜଣେ ବ୍ୟକ୍ତିଙ୍କ ପ୍ରଥମ ବିଦ୍ୟାଳୟ। ପିତାମାତାମାନେ ପିଲାର ଭୁଲ ସଂଶୋଧନ କରିବା ପାଇଁ ସମାଲୋଚନା କରନ୍ତି। ଯଦି ଜଣେ ପିଲା ଶୃଙ୍ଖଳା ଭଙ୍ଗ କରେ, ମିଛ କହିଥାଏ କିମ୍ବା ଖରାପ ଅଭ୍ୟାସ ବିକଶିତ କରେ, ତେବେ ସେମାନେ ବୁଝିପାରନ୍ତି। ଏହା ପିଲାକୁ ଏକ ଭଲ ବ୍ୟକ୍ତି ହେବାକୁ ଶିଖାଏ। ପରିବାରରେ ଉପଯୁକ୍ତ ସମାଲୋଚନା ପିଲାଟିକୁ ନୈତିକତା, ଶାଳୀନତା ଶିଖାଏ, ଦାୟିତ୍ୱ ବଢ଼ାଏ ଏବଂ ସତ୍ୟ ଓ ନ୍ୟାୟର ପଥ ଅନୁସରଣ କରିବାକୁ ପ୍ରେରଣା ଦିଏ। ସମାଜର ପ୍ରଗତି ପାଇଁ ସମାଲୋଚନା ଅତ୍ୟାବଶ୍ୟକ। ଯଦି ସମାଜରେ ଭୁଲକୁ ସମାଲୋଚନା କରା ନ ଯାଏ ତେବେ ଅନ୍ୟାୟ ବୃଦ୍ଧି ପାଇବ। ସମାଜ କର୍ମୀ, ସାମ୍ବାଦିକ, ବୁଦ୍ଧିଜୀବୀ ଏବଂ ସଚେତନ ନାଗରିକମାନେ ସମାଜର ତ୍ରୁଟିଗୁଡ଼ିକୁ ପ୍ରକାଶ କରନ୍ତି। ଏହା ସମାଜରେ ସଚେତନତା ସୃଷ୍ଟି କରେ। ଗଣତନ୍ତ୍ରରେ ସମାଲୋଚନା ଏକ ଶକ୍ତିଶାଳୀ ଅସ୍ତ୍ର। ବିରୋଧୀ ଦଳ ସରକାରଙ୍କ ଭୁଲଗୁଡ଼ିକୁ ପ୍ରକାଶ କରେ। ଏହା ସରକାରଙ୍କୁ ସଚେତନ କରେ ଏବଂ ଉନ୍ନତି ପାଇଁ ଚେଷ୍ଟା କରେ। ସମାଲୋଚନା ବିନା, ଶାସକମାନେ ଯେପରି ଇଚ୍ଛା ସେପରି କାର୍ଯ୍ୟ କରିପାରିବେ। ଉପଯୁକ୍ତ ସମାଲୋଚନା ସର୍ବଦା ଗଣତନ୍ତ୍ରକୁ ମଜବୁତ କରେ, ସାଧାରଣ ସମସ୍ୟାକୁ ସାମ୍ନାକୁ ଆଣେ, ପ୍ରଶାସନିକ ଭୁଲକୁ ସଂଶୋଧନ କରେ ଏବଂ ଜନସଚେତନତା ବୃଦ୍ଧି କରେ। ତେଣୁ ସମାଲୋଚନା ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସେହିପରି ସାହିତ୍ୟ ଏବଂ କଳାର ଉନ୍ନତି ପାଇଁ ସମାଲୋଚନା ଅତ୍ୟାବଶ୍ୟକ। ଜଣେ କବି କିମ୍ବା ଲେଖକ ନିଜ କାର୍ଯ୍ୟ ଉପରେ ମତାମତ ପାଇ ନିଜର ଭୁଲ ସଂଶୋଧନ କରିପାରିବେ। ସମାଲୋଚକମାନେ ସାହିତ୍ୟର ଭଲ ଏବଂ ଖରାପ ଦିଗକୁ ବିଶ୍ଳେଷଣ କରନ୍ତି। ଏହା ସାହିତ୍ୟକୁ ଉନ୍ନତ କରେ, ଲେଖକଙ୍କ ପ୍ରତିଭାକୁ ବିକଶିତ କରେ ଏବଂ ପାଠକମାନଙ୍କୁ ଗୁଣାତ୍ମକ ସାହିତ୍ୟ ପ୍ରଦାନ କରେ। ସମାଲୋଚନା ବିନା, ସାହିତ୍ୟର ଗୁଣ ବଜାୟ ରଖିବା କଷ୍ଟକର। ଇତିହାସରେ ଅନେକ ମହାନ ବ୍ୟକ୍ତି ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ ସେମାନେ ହାର ମାନନ୍ତି ନାହିଁ। ବରଂ ସେମାନେ ସମାଲୋଚନାକୁ ଶକ୍ତିରେ ପରିଣତ କରିଥିଲେ। ତଥାପି ସେମାନେ ସେମାନଙ୍କର ଲକ୍ଷ୍ୟ ଉପରେ ଧ୍ୟାନ କେନ୍ଦ୍ରିତ ରଖିଥିଲେ ଏବଂ ସଫଳତା ହାସଲ କରିଥିଲେ। ଏହା ପ୍ରମାଣିତ କରେ ଯେ ସମାଲୋଚନା ଜଣେ ବ୍ୟକ୍ତିକୁ ଅଧିକ ଶକ୍ତିଶାଳୀ କରିପାରେ।

ସମାଲୋଚନା ଗ୍ରହଣ କରିବା ଏକ ସହଜ କଥା ନୁହେଁ। ଅନେକ ଲୋକ ଏହାକୁ ନେଇ କ୍ରୋଧିତ ହୋଇଯାଆନ୍ତି। କିନ୍ତୁ ଯେଉଁମାନେ ସମାଲୋଚନା ସହ୍ୟ କରିପାରନ୍ତି ସେମାନେ ଜୀବନରେ ଅଧିକ ଶକ୍ତିଶାଳୀ ହୋଇଯାଆନ୍ତି। ସମାଲୋଚନା ସହ୍ୟ କରିବା ପାଇଁ ଧୈର୍ଯ୍ୟ, ନମ୍ରତା, ଆତ୍ମବିଶ୍ୱାସ ଏବଂ ଆତ୍ମ-ପ୍ରତିଫଳନ ଆବଶ୍ୟକ। ଯଦି ଜଣେ ବ୍ୟକ୍ତି ପ୍ରତ୍ୟେକ ସମାଲୋଚନାରୁ ଶିଖିବାକୁ ଚେଷ୍ଟା କରେ ତେବେ ସେ ଦିନକୁ ଦିନ ଉନ୍ନତ ହୁଏ। ଯଦିଓ ସମାଲୋଚନା ଶିକ୍ଷା ଦେଇଥାଏ କିନ୍ତୁ ଅତ୍ୟଧିକ କିମ୍ବା ଅପମାନଜନକ ସମାଲୋଚନା ସବୁବେଳେ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ନିରନ୍ତର କାହାକୁ ଅପମାନିତ କରିବା ସେମାନଙ୍କୁ ନୈତିକତା ହରାଇପାରେ। ତେଣୁ ସମାଲୋଚନା କରିବା ସମୟରେ ଜଣେ ବ୍ୟକ୍ତି କୋମଳ ଭାଷା ବ୍ୟବହାର କରିବା ଉଚିତ, ଭୁଲ ସହିତ ସମାଧାନ ମଧ୍ୟ ଦର୍ଶାଇବା ଉଚିତ, ଅପମାନ ଏଡାଇବା ଉଚିତ ଏବଂ ସତ୍ୟ ଏବଂ ନ୍ୟାୟର ଦୃଷ୍ଟିକୋଣରୁ କଥା ହେବା ଉଚିତ। ଗୁଣାତ୍ମକ ତଥା ସକାରାତ୍ମକ ସମାଲୋଚନା ଜଣେ ବ୍ୟକ୍ତିଙ୍କୁ ଉନ୍ନତ କରିଥାଏ ଯେତେବେଳେ ନକାରାତ୍ମକ ସମାଲୋଚନା ଜଣେ ବ୍ୟକ୍ତିଙ୍କୁ ଦୁର୍ବଳ କରିଥାଏ। ବର୍ତ୍ତମାନ ସୋସିଆଲ ମିଡିଆର ଯୁଗ। ଯେଉଁଠାରେ ଲୋକମାନେ ସହଜରେ ନିଜର ମତ ପ୍ରକାଶ କରନ୍ତି। ସମାଲୋଚନାର ଏକ ଶକ୍ତିଶାଳୀ ପ୍ରଭାବ ଅଛି। ତେଣୁ ସାମାଜିକ ଗଣମାଧ୍ୟମରେ ଦାୟିତ୍ୱପୂର୍ଣ୍ଣ ସମାଲୋଚନା ଜରୁରୀ। ପ୍ରାୟତଃ ସମାଲୋଚନା ହେଉଛି ସଫଳତାର ମୂଳଦୁଆ। ଯେତେବେଳେ ଜଣେ ବ୍ୟକ୍ତି ନିଜର ଭୁଲ ବୁଝିପାରେ, ସେ ସେଗୁଡ଼ିକୁ ସଂଶୋଧନ କରିବାକୁ ଚେଷ୍ଟା କରେ। ଏହି ପ୍ରୟାସ ସଫଳତା ଆଡ଼କୁ ନେଇଯାଏ। ଯେପରି ଜଣେ ଖେଳାଳି ଜଣେ ପ୍ରଶିକ୍ଷକଙ୍କ ସମାଲୋଚନା ମାଧ୍ୟମରେ ଭଲ ଖେଳିବା ଶିଖନ୍ତି, ଜଣେ ଗାୟକ ପିଚ୍?ରେ ଭୁଲ ସଂଶୋଧନ କରନ୍ତି, ଜଣେ ଲେଖକ ତାଙ୍କର ଲେଖା ଶୈଳୀକୁ ଉନ୍ନତ କରନ୍ତି, ଏବଂ ଜଣେ ବ୍ୟବସାୟୀ ଗ୍ରାହକଙ୍କ ଅଭିଯୋଗ ମାଧ୍ୟମରେ ତାଙ୍କର ସେବାକୁ ଉନ୍ନତ କରନ୍ତି।ତେଣୁ ଏହା ପ୍ରମାଣିତ କରେ ଯେ ସମାଲୋଚନା ପ୍ରଗତି ପାଇଁ ଏକ ପାହାଚ। ସମାଲୋଚନା ଜୀବନରେ ଏକ ମୂଲ୍ୟବାନ ଶିକ୍ଷକ। ଏହା ଜଣେ ବ୍ୟକ୍ତିଙ୍କୁ ସେମାନଙ୍କର ଭୁଲ ବୁଝିବାକୁ ସଶକ୍ତ କରେ। ସମାଲୋଚନା ବିନା ଜଣେ ବ୍ୟକ୍ତି ନିଜର ଭୁଲକୁ ଚିହ୍ନି ପାରିବେ ନାହିଁ। ସମାଲୋଚନା ଶିକ୍ଷା, ପରିବାର, ସମାଜ, ରାଜନୀତି କିମ୍ବା ସାହିତ୍ୟ ସବୁ କ୍ଷେତ୍ରରେ ପ୍ରଗତି ପାଇଁ ପଥ ପ୍ରଶସ୍ତ କରେ। ଯଦି ସମାଲୋଚନା ସତ୍ୟ, ନିରପେକ୍ଷ ଏବଂ ସକାରାତ୍ମକ ହୁଏ ତେବେ ଏହା ଜଣେ ବ୍ୟକ୍ତିଙ୍କୁ ମହାନ କରିପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**
**ଅରଙ୍ଗାବାଦ ବରୀ ଯାଜପୁର**

# ଅସରପା ଆବିର୍ଭାବ

ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ' ଅସରପା' ଏକ ଘୃଣିତ ଜୀବ । ଆମ ସମାଜରେ ଏହା ଦୂଷିତ, ପଚାସଢ଼ା ଓ ପର୍ଯ୍ୟକ୍ରମଣ ଭାବେ ଜଣାଶୁଣା । କଥାରେ ଅଛି ଅସରପା ଏକ ପକ୍ଷୀ ନୁହେଁ କି କୀଟ ନୁହେଁ । ଏହା ସତ୍ତ୍ୱେ ଭାରତର ପ୍ରଧାନ ବିଚାରପତି ଯେତେବେଳେ କେତେକ ଗୋଷ୍ଠୀର ବେକାର ଯୁବବର୍ଗଙ୍କୁ ସେମାନଙ୍କ କାର୍ଯ୍ୟକଳାପ ନେଇ ଅସରପା ଓ ପରଜୀବୀ ସହ ତୁଳନା କରିବା ପରେ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା ଏବଂ ପ୍ରଧାନ ବିଚାରପତି ମଧ୍ୟ ନିଜ ମନ୍ତବ୍ୟର ସ୍ପଷ୍ଟୀକରଣ ଦେବାକୁ ବାଧ୍ୟ ହୋଇଥିଲେ । ଯାହା ଜନ ପ୍ରତିକ୍ରିୟାରେ ଉପଶମ କରିପାରିନଥିଲା । ଏହାକୁ ଦେଶର ଜେନ-ଜେଡ (ଯୁବଗୋଷ୍ଠୀ) ପ୍ରତ୍ୟାଖ୍ୟାନ ନକରି ଗ୍ରହଣ କରି ନେଇଥିଲେ । ଯେଉଁଥିରୁ ଜନ୍ମ ନେଇଥିଲା କକ୍ରୋଜ ଜନତା ପାର୍ଟି(ଅସରପାଜନତା ପାର୍ଟି ବା ସିଜେପି) । ସିଜେପି ଏବେ ଯୁବଗୋଷ୍ଠୀଙ୍କ ମଧ୍ୟରେ କେବଳ ଏକ ଚାପ ହୋଇନାହିଁ, ଏକ ଦୃଢ ସାଂସ୍କୃତିକ ପ୍ରତୀକ ଭାବେ ଆଦୃତ ହୋଇଛି । ଘୃଣିତ ଜୀବ 'ଅସରପା' ଏବେ ଯୁବଗୋଷ୍ଠୀଙ୍କ ମଧ୍ୟରେ ଏକ 'ପ୍ରତୀକ'ରେ ରୂପାନ୍ତରିତ ହୋଇଛି । ଏହାର ଲୋକପ୍ରିୟତା ତଥା ଅନୁଗାମୀଙ୍କ ସଂଖ୍ୟା ମାତ୍ର ୪ଦିନ ମଧ୍ୟରେ ଏତେ ସଂଖ୍ୟାରେ ବଢିଯାଇଥିଲା ଯେ, ବିଶ୍ୱର ସର୍ବାଧିକ ସଦସ୍ୟା ଥିବା କୁହାଯାଉଥିବା ରାଜନୈତିକ ଦଳ ଭାରତୀୟ ଜନତା ପାର୍ଟି (ବିଜେପି)ର ଅନୁଗାମୀଙ୍କ ସଂଖ୍ୟାର ଦୁଇଗୁଣ ହୋଇଥିଲା । ସିଜେପି ଏକ ପଂଜୀକୃତ ରାଜନୈତିକ ଦଳ ନୁହେଁ, ଡିଜିଟାଲରେ ଏକ ବ୍ୟାଙ୍ଗମାକ ଦଳ । ଯାହାର ମୁଖ୍ୟ ସ୍ଲୋଗାନ ରହିଥିଲା ଅଳସୁଆ ଓ ବେକାରଙ୍କ ସ୍ୱର । କେବଳ ଏତିକି ନୁହେଁ, ଏହି ମଂଚକୁ ଧର୍ମନିରପେକ୍ଷ, ସମାଜବାଦୀ, ଗଣତାନ୍ତ୍ରୀକ ଏବଂ ଅଳସୁଆ ବୋଲି ଉଲ୍ଲେଖ କରାଯାଇଥିଲା । ସିଜେପି ସହ ଜଡିତ ସାମାଜିକ ଗଣମାଧ୍ୟମ ପୃଷ୍ଠା ଗୁଡିକରେ ମାତ୍ର ୪ ଦିନ ମଧ୍ୟରେ କୋଟି କୋଟି ଲୋକ ଯୋଡି ହୋଇଯାଇଥିଲେ, ଯାହାକି ଦେଶର ସବୁଠାରୁ ବଡ ରାଜନୈତିକ ଚର୍ଚ୍ଚାରେ ପରିଣତ ହୋଇଯାଇଥିଲା । କିନ୍ତୁ ବିଡମ୍ବନା ଯେ, ସିଜେପିର ଆଦୃତି, ଆକର୍ଷଣ, ଅନୁଗାମୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଜାତୀୟ ସୁରକ୍ଷା ଆଳରେ ଶେଷରେ ସରକାର ଏହାର ସୋସିଆଲ ମିଡିଆ ଆକାଉଂଟକୁ ବନ୍ଦ କରି ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଦେଶ ଆର୍ଥୀକ ସଂକଟ, ବେକାରୀ ବୃଦ୍ଧି, ନିଟ୍ ପ୍ରଶ୍ନପତ୍ର ଲିକ୍, ଦରଦାମ ବୃଦ୍ଧି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଯୁବଗୋଷ୍ଠୀ ବିଶେଷକରି ବେକାର ଯୁବ ଗୋଷ୍ଠୀର ଅସନ୍ତୋଷ ସାମାଜିକ ଗଣମାଧ୍ୟମରେ ସିଜେପି ପ୍ରତି କେବଳ ଆକର୍ଷଣ ସୃଷ୍ଟି କରିନଥିଲା, ଏକ ବିପ୍ଳବରେ ପରିଣତ ହୋଇଥିଲା । ଏହାର ସାମାଜିକ ଗଣମାଧ୍ୟମ ଆକାଉଂଟକୁ କେନ୍ଦ୍ର ସରକାର ବନ୍ଦ କରିବାକୁ ବାଧ୍ୟ ହୋଇଥିବାବେଳେ କ୍ଷମତାସୀନ ବିଜେପିର ବହୁ ନେତା ଏହି ପ୍ଲାଟଫର୍ମ ପାକିସ୍ଥାନରୁ ସମର୍ଥନ ପାଉଥିବା ନେଇ ଅଭିଯୋଗ କରିଥିଲେ । କିନ୍ତୁ ସିଜେପିର ପ୍ରତିଷ୍ଠାତା ତଥା ବିଦେଶରେ ପଢୁଥିବା ଭାରତୀୟ ଛାତ୍ର ଅଭିଜିତ୍ ଦିପକୋ କହିଛନ୍ତି ଯେ, ଏହାର ୯୪ ପ୍ରତିଶତ ଅନୁଗାମୀ ହେଉଛନ୍ତି ଭାରତୀୟ । ଆକାଉଂଟକୁ ବନ୍ଦ କରିବା, ପ୍ଲାଟଫର୍ମ ଉପରେ ଚଢାଉ କରିବା ନେଇ ଗଣତନ୍ତ୍ରରେ ଡିଜିଟାଲ ଏଜର ସ୍ଥାନ ନେଇ ସେ ପ୍ରଶ୍ନ କରିଛନ୍ତି । କେବଳ ବେକାର ଯୁବଗୋଷ୍ଠୀ ନୁହଁନ୍ତି, ବହୁ ରାଜନୈତିକ ଦଳର ନେତୃବର୍ଗ ମଧ୍ୟ ସିଜେପି ପ୍ରତି ଖୋଲାଖୋଲି ସମର୍ଥନ ଜଣାଇ ସାରିଲେଣି । ଏହା ସତ୍ୟ ଯେ, ଗଣତନ୍ତ୍ରରେ ବ୍ୟବସ୍ଥାକୁ ପ୍ରଶ୍ନ କରିବାର ଅଧିକାରୀ ସମସ୍ତଙ୍କର ରହିଛି । ଯେତେବେଳେ ବ୍ୟବସ୍ଥା ନିଜକୁ ନାଗରିକମାନଙ୍କ ଠାରୁ ସ୍ୱତନ୍ତ୍ର ଓ ଭିନ୍ନ ମନେକରି କଟାକ୍ଷ କରିବା ଆରମ୍ଭ କରେ, ସେତେବେଳେ ସାଧାରଣ ଜନତାଙ୍କ ପ୍ରଶ୍ନ ମଧ୍ୟ ଅନୁରୂପ ବିଦ୍ରୂପ ବା କଟାକ୍ଷ ମଧ୍ୟରୁ ଜନ୍ମ ନିଏ । ଏହାରି ଭିତରେ କ୍ଷୋଭ, ଅସନ୍ତୋଷ, କ୍ରୋଧ ଭର୍ତି ହୋଇଥାଏ । ଏ କ୍ଷେତ୍ରରେ ସବୁଠୁ ଆଗରେ ରହିଥାନ୍ତି । ଆଜିର ଜେଡ-ଜେନ ବା ଯୁବଗୋଷ୍ଠୀ, ରାତାରାତି ସିଜେପିର କୋଟିକୋଟି ଅନୁଗାମୀ ଏହା ହିଁ ପ୍ରମାଣିତ କରେ । ଏକ ରାଜନୈତିକ ଦଳ ଭାବେ ସିଜେପିର ସତା ଏବେ ଅନିଶ୍ଚିତ । ଏହାର ଆକାଉଂଟକୁ ବ୍ଲକ୍? କରି ଦିଆଯାଇଛି । କିନ୍ତୁ ଦେଶରେ ଏହାର ଚର୍ଚ୍ଚା ଥମି ନାହିଁ । ଅସରପାକୁ ଏକ ଆମର କୀଟ ବୋଲି କୁହାଯାଏ । ଏହାକୁ ଯେତେ ପିଟିଲେ ମାରିଲେ ଏହା ସହଜରେ ମରେ ନାହିଁ । ପୃଥୀବୀର ବଡ ବଡ ମହାବିପତି ଓ ପରମ୍ପରାକୁ ବିକିରଣକୁ ସହ୍ୟ କରି ବଂଚି ରହିବାର ଅଦଭୂତ୍ ସାମର୍ଥ୍ୟ ଏହାର ରହିଛି । ଏପରିକି ଅସରପାର ମୁଣ୍ଡ କଟିଗଲେ ଏକରୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ବଂଚିରହେ । ବିନା ଖାଦ୍ୟରେ ଏକ ମାସ ଓ ବିନା ପାଣିରେ ଏକ ସପ୍ତାହ ବଂଚି ରହେ। ନିଜ ଓଜନ ଠାରୁ ୯୦୦ ଗୁଣ ଅଧିକ ଓଜନକୁ ମଧ୍ୟ ସେମାନେ ସହ୍ୟ କରି ବଂଚିଯାଇପାରନ୍ତି । ସେଥିପାଇଁ ଅସରପାକୁ କୁଦି ଦେଲେ ମଧ୍ୟ ମରେ ନାହିଁ । ବିଶ୍ୱରେ ୪,୫୦୦ ରୁ ୪,୬୦୦ ପ୍ରଜାତିର ଅସରପା ଥିବାବେଳେ ଭାରତରେ ୧୯୦ ପ୍ରଜାତିର ଅସରପା ଅଛନ୍ତି । ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଦ୍ରୁତବେଗରେ ଅସରପା ନିଜର ବଂଶ ବିସ୍ତାର କରିବାରେ ପାରଙ୍ଗମ । ସିଜେପି ଏକ ମଜଭୂତ ଶକ୍ତି ଭାବରେ ନିଜକୁ ପ୍ରତିଷ୍ଠା କରିପାରେ ବା ନକରିପାରେ । କିନ୍ତୁ ଏହାର ଆବିର୍ଭାବ ଏକ ସ୍ପଷ୍ଟ ଓ ସୁବିଦିତ ଚେତାବନୀ ବହନ କରେ । ଏହା ସମ୍ମାନ, ସୁଯୋଗ ଓ ପରିଚୟ ଆବଶ୍ୟକ କରେ । ଜେନ ଜେଡର ସାମର୍ଥ୍ୟ କଣ ଆମେ ନିକଟ ଅତୀତରେ ବହୁ ରାଷ୍ଟ୍ରର ଘଟଣାବଳୀରୁ ଦେଖିଆସିଛି । ତେଣୁ ବ୍ୟାଙ୍ଗମାକ ପ୍ରତିବାଦରୁ ସିଜେପି ଏକ ନୂତନ ରାଜନୈତିକ ମହାଶକ୍ତି ହେବା, ଆଶଙ୍କାକୁ ଅଣଦେଖା କରାଯାଇନପାରେ ।

**ସୌଭାଗ୍ୟ ରଂଜନ ମହାନ୍ତି(ରାଜା), ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ, -୭୫୧୦୦୨**

# ଅସହ୍ୟ ଗ୍ରୀଷ୍ମପ୍ରବାହ ଓ ମନୁଷ୍ୟକୃତ ବିଦ୍ୟୁତ୍ ଯନ୍ତ୍ରଣା

ଆମ ରାଜ୍ୟରେ ୧୯୯୫ ମସିହାରେ ପ୍ରଥମେ ବିଦ୍ୟୁତ୍ ସଂସ୍କାର ବ୍ୟବସ୍ଥା କରାଗଲା । ସାରାଦେଶରେ ଏହା ଥିଲା ପ୍ରଥମ ରାଜ୍ୟ ଓ ପ୍ରଥମ ସଂସ୍କାର। ସରକାର ଏହା ଆରମ୍ଭ କଲାବେଳେ ବଡ଼ ଘୋଷଣା ଥିଲା, ସମସ୍ତଙ୍କୁ ନିରବଚ୍ଛିନ୍ନ ସୁଲଭ ମୂଲ୍ୟର ବିଦ୍ୟୁତ୍ ଯୋଗାଣ କରାଯିବ ।

ରାଜ୍ୟରେ ସଂପ୍ରତି ସର୍ବତ୍ର ଗ୍ରୀଷ୍ମପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ରାଜ୍ୟର ଅନେକ ଜିଲ୍ଲାରେ ୪୫ ଡିଗ୍ରୀ ଉପରେ ପାରଦ ନାଚୁଛି । ଗ୍ରୀଷ୍ମର ଲହରୀ ଦୀର୍ଘଦିନ ହେବ ଲାଗିରହିଛି । ଜଳବାୟୁ ପରିବର୍ତ୍ତନ ଜନିତ ଏପରି ଅସ୍ୱାଭାବିକ ସ୍ଥିତି ଦୀର୍ଘ କିଛି ବର୍ଷ ହେଲା ଦେଖା ଦେଇଆସୁଛି । ସେ ସମ୍ପର୍କରେ ରାଜ୍ୟରେ ପ୍ରତିଷ୍ଠିତ ସରକାର ନିଶ୍ଚୟ ସଚେତନ ଅଛନ୍ତି । ଏହି ଉତ୍କଟ ସମୟଟି ସମସ୍ତ ଜନଜାତି ଧନୀ ହେଉ ବା ଦରିଦ୍ର ହେଉ ପାଇଁ ସମାନ ନୁହେଁ । ଧନୀକ ଶ୍ରେଣୀର ବ୍ୟକ୍ତି ଅବା ସରକାର ସ୍ତରରେ ରହୁଥିବା ଉଚ୍ଚ ପଦାଧିକାରୀମାନଙ୍କ କଥା ଭିନ୍ନ । ଏମାନେ ଶୀତ ତାପ ନିୟନ୍ତ୍ରିତ ଘରେ ରୁହନ୍ତି, ଗାଡ଼ିରେ ଯାତାୟତ କରନ୍ତି । ତାଙ୍କୁ ଏହି ଅସହ୍ୟ ଗରମ ଯନ୍ତ୍ରଣା ଦେଇନଥାଏ । କିନ୍ତୁ ମଣିଷ ସମାଜର ୮୦ ଭାଗରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ସୂର୍ଯ୍ୟତାପ ଅତ୍ୟନ୍ତ ଅସହ୍ୟ ଓ ଯନ୍ତ୍ରଣାଦାୟକ ।

ଦିନରେ ଖଟିବା ଆଦୌ ସମ୍ଭବ ନୁହେଁ । ଯେଉଁଥିପାଇଁ ମୁଣ୍ଡରେ ଓ ପେଟରେ ଓଦା କନା ପକାଇ ଖଟିଖିଆ ମଣିଷ ଘରେ ସମୟ ବିତାଇବାକୁ ବାଧ୍ୟ ହୋଇଥାଏ । ଏହିପରି ସ୍ଥିତିରେ ମଣିଷର ଅତି ନିମ୍ନତମ ଆବଶ୍ୟକତା ହେଉଛି ବିଦ୍ୟୁତ୍ । ଯାହାଫଳରେ ଦିନରେ ଅନ୍ତତଃ ପଙ୍ଖାଚାଳିତ ପବନଟିଏ ଅବା କାଁ ଭାଁ କେହି କେହି ବିଦ୍ୟୁତ୍ ଚାଳିତ ଶୀତ ତାପ ନିୟନ୍ତ୍ରିତ ବ୍ୟବସ୍ଥାଟିକୁ ଆବୋରି ଯନ୍ତ୍ରଣାରୁ ମୁକ୍ତି ନେଇଥାଏ । ଡାକ୍ତରଖାନାର ଅସଂଖ୍ୟ ରୋଗୀ ଏହି ସମୟରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥାଟିଏ ଚାହିଁଥାନ୍ତି । ରୋଗର ଯନ୍ତ୍ରଣା ଉପଶମ ପାଇଁ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାଟିଏ ସାନ୍ତ୍ୱନା ଦେଇଥାଏ।

ଏହା ହେଉଛି ଉତ୍କଟ ଖରାଦିନର ସମୟ ଯେଉଁ ସମୟରେ ଚାଷୀ ତାର ଚାଷ କ୍ଷେତ୍ରରେ ଉଠା ଜଳସେଚନ ପାଇଁ ବିଦ୍ୟୁତ୍ ଶକ୍ତି ଆବଶ୍ୟକ କରିଥାଏ। ଏହାର ଅଭାବରେ ବିଲରେ ପଡ଼ିଥିବା ପରିବା ଶୁଖି ନଷ୍ଟ ହୋଇଯାଏ । ଚାଷୀ କେବଳ ଚାତକ ପରି ଚାହିଁଥାଏ । ଅନ୍ୟଏକ ଦୁଃଖଦ ଘଟଣା ହେଉଛି ବିଦ୍ୟୁତ୍ ଅଭାବରେ ସହର ହେଉ ଅବା ଗାଁ ହେଉ ପାନୀୟ ଜଳ ଯୋଗାଣରେ ବାଧା ସୃଷ୍ଟି ହୋଇଥାଏ । ଏବେ ପାଇପ୍ ଯୋଗେ ଜଳଯୋଗାଣ ଓ ଟାଙ୍କି ନିର୍ମାଣ କରି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହେବା ଫଳରେ ସର୍ବତ୍ର ବିକଳ୍ପ ବ୍ୟବସ୍ଥା ଟ୍ୟିବ୍‌ୱେଲ୍ ପ୍ରାୟତଃ ଅକାମୀ ହୋଇପଡ଼ିଛି । ଗାଁରେ କୂଅ ପୋଖରୀ ଶୁଖିଲା ପଡ଼ିଛି । ଏପରି ଏକ ପରିସ୍ଥିତିରେ ବିଦ୍ୟୁତ୍ କାଟ ଜନିତ ଜଳ ଯୋଗାଣ ବାଧା ପ୍ରାପ୍ତ ହେଲେ ପାଣି ମୁନ୍ଦାଏ ପିଇବା ପାଇଁ ମଣିଷ ଛଟପଟ ହେଉଛି । ଏପରି ଏକ ସ୍ଥିତିରେ ବର୍ତ୍ତମାନ ସାରାରାଜ୍ୟରେ ଅଘୋଷିତ ବିଦ୍ୟୁତ୍‌କାଟ ଜନ ଜୀବନର ସମସ୍ତ ଯନ୍ତ୍ରଣାକୁ ବହୁଗୁଣିତ କରିଦେଇଛି । ବିତରକ କମ୍ପାନୀମାନେ ଏହିସବୁ ବିଦ୍ୟୁତ୍‌କାଟ ଅତି ଚତୁରତାର ସହିତ ମାସକରେ ୩୧ ଘଣ୍ଟାରୁ ୪୨ଘଣ୍ଟା ପର୍ଯ୍ୟନ୍ତ କାଟ କରି ବିଦ୍ୟୁତ୍ ଯୋଗାଣକୁ ସଙ୍କୁଚିତ କରିଥାନ୍ତି ଓ ଏହାଦ୍ୱାରା କିଛି ବିଦ୍ୟୁତ୍ ଯୋଗାଣରେ କମ୍ କରାଯାଇଥାଏ ଓ ସେହି ବାବଦରେ ଯୋଗାଣକାରୀ ଟାଟା କମ୍ପାନୀ ଅନେକ ଅର୍ଥ ସଞ୍ଚୟ କରିଥାନ୍ତି ।

ଆମ ରାଜ୍ୟରେ ୧୯୯୫ ମସିହାରେ ପ୍ରଥମେ ବିଦ୍ୟୁତ୍ ସଂସ୍କାର ବ୍ୟବସ୍ଥା କରାଗଲା । ସାରାଦେଶରେ ଏହା ଥିଲା ପ୍ରଥମ ରାଜ୍ୟ ଓ ପ୍ରଥମ ସଂସ୍କାର। ସରକାର ଏହା ଆରମ୍ଭ କଲାବେଳେ ବଡ଼ ଘୋଷଣା ଥିଲା, ସମସ୍ତଙ୍କୁ ନିରବଚ୍ଛିନ୍ନ ସୁଲଭ ମୂଲ୍ୟର ବିଦ୍ୟୁତ୍ ଯୋଗାଣ କରାଯିବ । ସେଦିନ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୩୦ ବର୍ଷ ଅତିକ୍ରାନ୍ତ ହେଲାଣି । ନା ସୁଲଭ ମୂଲ୍ୟରେ ବିଦ୍ୟୁତ୍ ମିଳିଲା, ନା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ହୋଇପାରୁଛି । ବିଭିନ୍ନ ଆଳ ଦେଖାଇ ପ୍ରତିବର୍ଷ ବିଦ୍ୟୁତ୍ ଦର ବୃଦ୍ଧି କରାଯାଇଥାଏ । ପ୍ରଥମେ ବିଦ୍ୟୁତ୍ ଚୋରି ଓ ସରବରାହ ଜନିତ କ୍ଷୟକ୍ଷତିର ବୋଝ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଉପରେ ଲଦି ଦିଆଯାଇଥିଲା । ବର୍ତ୍ତମାନ ପ୍ରାୟତଃ ଲୋକମାନଙ୍କ ସ୍ତରରେ ବିଦ୍ୟୁତ୍ ଚୋରୀ ନାହିଁ । କିଛି ପରିମାଣରେ ବିଦ୍ୟୁତ୍ ସରବରାହ ଜନିତ କ୍ଷୟକ୍ଷତି ଅଛି । ଅବଶ୍ୟ ତାହା ଅନ୍ୟ ରାଜ୍ୟ ତୁଳନାରେ ସାମାନ୍ୟ ଅଧିକ ତଥାପି ବିଦ୍ୟୁତ୍ ଦର କମୁନାହିଁ ।

ମୁଣ୍ଡପିଛା ବିଦ୍ୟୁତ୍ ବ୍ୟବହାରରେ ଓଡ଼ିଶା ଏପରି କିଛି ଅଧିକ କରିନଥାଏ । ଏହାର ବାର୍ଷିକ ହାରାହାରି ବିଦ୍ୟୁତ୍ ଆବଶ୍ୟକତା ୬୦୦୦ ମେଗାୱାଟ୍ ବୋଲି ଧାର୍ଯ୍ୟ କରାଯାଇଛି ଏବଂ ରାଜ୍ୟର ସବୁ ସୂତ୍ରରୁ ମିଳୁଥିବା ବିଦ୍ୟୁତ୍ ଶକ୍ତି ପାଖାପାଖି ୬୭୦୦ ମେଗାୱାଟ୍ । ଅନ୍ୟ ଭାବରେ କୁହାଗଲେ ସମସ୍ତ ପ୍ରକାର ମିଳୁଥିବା ଶକ୍ତିର ପରିମାଣ ୪୬୩୩୪ ମିଲିଅନ୍ ୟୁନିଟ୍ । ଯେଉଁଥିରେ କୋଇଲାରୁ ଉତ୍ପାଦିତ ବିଦ୍ୟୁତ୍ ଶକ୍ତିର ପରିମାଣ ୧୧୩୩୪ ମିଲିଅନ୍ ୟୁନିଟ୍, କେନ୍ଦ୍ରୀୟ ଶକ୍ତିରୁ ମିଳୁଥିବା ବିଦ୍ୟୁତ୍ ଶକ୍ତି ୧୨,୧୪୪ ମିଲିଅନ୍ ୟୁନିଟ୍ । ଜଳ ବିଦ୍ୟୁତ୍ କ୍ଷେତ୍ରରୁ ପ୍ରାୟ ୫୦୨୧ ମିଲିଅନ୍ ୟୁନିଟ୍ ଓ ବିଭିନ୍ନ ପ୍ରକାରର ସବୁଜ ଶକ୍ତି (ରେନ୍ୟୁବୁଲ୍ ଏନର୍ଜି) ସୂତ୍ରରୁ ୪୭୦୦ ମିଲିଅନ୍ ୟୁନିଟ୍ ମିଳିଥାଏ । ସବୁଠାରୁ ବଡ଼ ଚମତ୍କାର କଥାଟିଏ ହେଉଛି, ପ୍ରତିବର୍ଷ ଆବଣ୍ଟନକାରୀ ବ୍ୟବସ୍ଥାଗୁଡ଼ିକୁ ତାଙ୍କର ଚୁକ୍ତି ଅନୁସାରେ ବିଦ୍ୟୁତ୍ ପ୍ରଦାନ କଲେ ଯାହାକିଛି ବଳକା ହୁଏ ତାହା ନ୍ୟାସନାଲ୍ ଗ୍ରୀଡ୍ ଜରିଆରେ ଦିଆଯାଇଥାଏ । ବେଳେବେଳେ ରାଜ୍ୟ ଭିତରେ ଥିବା କିଛି କମ୍ପାନୀକୁ ମଧ୍ୟ ଚୁକ୍ତିଭିତ୍ତିକ ବିଦ୍ୟୁତ୍ ବିକ୍ରି ହୋଇଥାଏ । ଜାତୀୟ ଗ୍ରୀଡ୍‌ରେ ଯେଉଁ ବିଦ୍ୟୁତ୍ ଯୋଗାଣ ହୋଇଥାଏ ତାହା ବଦଳରେ ବର୍ଷକ ପର୍ଯ୍ୟନ୍ତ ନିଅଣ୍ଟିଆ ପରିସ୍ଥିତିରେ ମଧ୍ୟ ଅଣାଯାଇ ଆବଶ୍ୟକତା ମେଣ୍ଟା ଯାଇଥାଏ । ଚଳିତବର୍ଷ ରାଜ୍ୟ ଶକ୍ତି ମନ୍ତ୍ରୀ ଅତି ଆଶ୍ଚର୍ଯ୍ୟଜନକ ଭାବେ ବିଦ୍ୟୁତ୍‌କାଟ ଉପରେ ମନ୍ତବ୍ୟ ଦେବାକୁ ଯାଇ କହିଛନ୍ତି ଯେ, ଏବର୍ଷ ବହୁସଂଖ୍ୟାରେ ଶୀତତାପ ନିୟନ୍ତ୍ରିତ ବିଦ୍ୟୁତ୍ ଚାଳିତ ମେସିନ୍ ସବୁ ଅଧିସଂଖ୍ୟାରେ ବ୍ୟବହାର ହେବା ଓ ବହୁ ପ୍ରକାରର ବିଦ୍ୟୁତ୍ ଚାଳିତ ବ୍ୟବସ୍ଥା ଯଥା- ଟିଭି, ଫ୍ରିଜ୍, ବିଦ୍ୟୁତ୍ ଚାଳିତ ଚୁଲା ଆଦି ବହୁସଂଖ୍ୟାରେ ଲୋକମାନେ ବ୍ୟବହାର କରିବାରୁ ବିଦ୍ୟୁତ୍ ଆବଶ୍ୟକତା ହଠାତ୍ ୮୦୦୦ ମେଗାୱାଟ୍‌ରୁ ଅଧିକ ହୋଇଯାଇଛି । ଫଳରେ ସରବରାହ ଜନିତ ଆଧିକ୍ୟ ହେତୁ ବିଦ୍ୟୁତ୍‌କାଟ ବ୍ୟବସ୍ଥା ଲାଗୁ କରିବାକୁ ବ୍ୟବସ୍ଥା ହୋଇଛି । ଏହା ସତ୍ୟ ହୋଇପାରେ ଚଳିତ ବର୍ଷ ବିଦ୍ୟୁତ୍ ବ୍ୟବହାର ଖରାଦିନରେ ଅତିମାତ୍ରାରେ ବୃଦ୍ଧିପାଇ ୮୦୦୦ ମେଗାୱାଟ୍‌ରେ ପହଞ୍ଚି ଥାଇପାରେ । ସେଥିପାଇଁ ରଖାଯାଇଥିବା ସରବରାହ ବ୍ୟବସ୍ଥା ଆଗରୁ କାହିଁକି ପ୍ରସ୍ତୁତ କରାଗଲା ନାହିଁ ତା'ର ଉତ୍ତର ମନ୍ତ୍ରୀ ରଖିଥାଇ ପାରିଥାନ୍ତେ । ମାତ୍ର ସେ ଅତି ଉପର ଠାଉରିଆ ଭାବେ ଏପରି ମନ୍ତବ୍ୟ ଦେଇ ଲୋକଙ୍କ ଯନ୍ତ୍ରଣାକୁ ଅଧିକ ବୃଦ୍ଧି କରାଇଛନ୍ତି । ଦ୍ୱିତୀୟତଃ ଜଣେ ବିକ୍ରେତା ଖାଉଟିକୁ କୁହେନାହିଁ ଯେ, ନେଉଥିବା ଚାଉଳରେ ସେ ପିଠା କରିବ କି ନାହିଁ, ଚାଉଳ କେଉଁଠି ଥୋଇ କଳସ ଥୋଇବ କି ନାହିଁ, କେବଳ ଭାତ ରାନ୍ଧିବ । କେତା କିଣୁଥିବା ଜିନିଷକୁ ନେଇ ତାର ଆବଶ୍ୟକତା ମୁତାବକ ବ୍ୟବହାର କରିଥାଏ । ଓଡ଼ିଶାର ଉପଭୋକ୍ତାମାନେ ଅତ୍ୟଧିକ ବିଦ୍ୟୁତ୍ ବ୍ୟବହାର କରିନଥାନ୍ତି । ପରନ୍ତୁ ଖରାଦିନେ ଆବଶ୍ୟକ ହେଉଥିବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ର କିଣିବା ପାଇଁ ମଧ୍ୟ ବହୁ ଉପଭୋକ୍ତାଙ୍କ ପାଖରେ ଆର୍ଥିକ ସମ୍ବଳ ନଥାଏ । ସହରାଞ୍ଚଳରେ ଏହାର ବ୍ୟବହାର ଅଧିକ ଏବଂ ସବୁଠାରୁ ବେଶୀ ବ୍ୟବହାର ହେଉଛି ସରକାର ଏବଂ ସରକାରୀ କାର୍ଯ୍ୟକ୍ରମରେ । ସରକାରୀ କାର୍ଯ୍ୟାଳୟରେ ମନ୍ତ୍ରୀ ଅଫିସରଙ୍କ ବାସଗୃହରେ ଅଧିକ ସଂଖ୍ୟକ ବିଦ୍ୟୁତ୍ ଚାଳିତ ଶୀତ ତାପ ନିୟନ୍ତ୍ରିତ ବ୍ୟବସ୍ଥା ଲାଗୁ କରାଯିବା ଫଳରେ ଭୁବନେଶ୍ୱରରେ ବିଦ୍ୟୁତ୍ ବ୍ୟବହାର ଏହି ଗ୍ରୀଷ୍ମ ଋତୁରେ ଖୁବ୍ ଅଧିକ ହୋଇଯାଇଛି । ଯଦି ଉପଭୋକ୍ତା ମହାସଂଘର ଦାବି ଅନୁସାରେ ବିଦ୍ୟୁତ୍ ସରବରାହ ବା ଯୋଗାଣକୁ ପରଖିବା ପାଇଁ ବିଦ୍ୟୁତ୍ ଯୋଗାଣର ହିସାବ (ଏନର୍ଜି ଅଡିଟ୍) ପ୍ରତିବର୍ଷ କରାଯାଉଥାନ୍ତା, ତେବେ ଜଣାପଡ଼ନ୍ତା ଯେ, କେଉଁ ଅଞ୍ଚଳରେ, କେଉଁ ସମୟରେ ଅଧିକ ଅବା କମ୍ ବିଦ୍ୟୁତ୍ ବ୍ୟବହାର ହେଉଅଛି । ବଡ଼ ଲୋକଙ୍କ ସୁବିଧାକୁ ନେଇ ସାଧାରଣ ଲୋକଙ୍କ ଉପରେ ଯନ୍ତ୍ରଣା ଲଦି ଦେବା ବେଳେ ସମସ୍ତେ ବିଚାର କରିବା ଉଚିତ୍ ଯେ, ସାଧାରଣ ଲୋକଟି ସୁସ୍ଥ ରହିଲେ ଖଟିବାର ସାମର୍ଥ ଲାଭ କରିଥାଏ । ଯାହାର ଖଟଣି ସମାଜର ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ । ଦୁଃଖ ଓ ପରିତାପର ବିଷୟ ଗରିବ ସାଧାରଣ ଲୋକଙ୍କ ଉପରେ ବିଦ୍ୟୁତ୍ ମୂଲ୍ୟ ଅଧିକ ବସାଯାଇ ଶୋଷଣ କରାଯାଉଥିବାବେଳେ ତାଙ୍କୁ ବିଦ୍ୟୁତ୍‌କାଟ ଯନ୍ତ୍ରଣାରେ ଅଧିକ ଛଟପଟ କରାଯାଉଛି । ସହରର ବସ୍ତି ହେଉ ବା ଗାଁର ସାଧାରଣ ଘରଟିଏ ହେଉ ଦିନବେଳେ ଅବା ରାତ୍ରକାଳରେ ପବନ ପୁଳାଏ ପାଇଁ କେବଳ ବିଦ୍ୟୁତ୍ ଚାଳିତ ପଙ୍ଖା ହିଁ ଭରସା । ସେହି ସୁବିଧାରୁ ବିଦ୍ୟୁତ୍‌କାଟ ଫଳରେ ସେ ପୁରାପୁରି ବଞ୍ଚିତ ହେଉଛି ଓ ଯନ୍ତ୍ରଣାରେ ଛଟପଟ ହେଉଛି । କାହାକୁ ଫୋନ୍ କରି ବିଦ୍ୟୁତ୍ କାଟ ସମ୍ପର୍କରେ ପଚାରିଲେ କୌଣସି ଉତ୍ତର ମିଳେନାହିଁ ।

ଯନ୍ତ୍ରଣାରେ ଛଟପଟ କିଛି ମଣିଷ ଏକାଠି ହୋଇ ବିଦ୍ୟୁତ୍ ଅଫିସ୍‌କୁ ଯଦି ଯାଇଥାନ୍ତି ତାକୁ ଭିଡ଼ ବୋଲି କୁହାଯାଏ ଏବଂ ଯନ୍ତ୍ରଣା ଜର୍ଜରିତ ମଣିଷ ଭିଡ଼ରେ ଯଦି କିଛି ଏପରି କାର୍ଯ୍ୟ କରେ ଯାହାକୁ ସମସ୍ତେ ଭିଡହିଂସା କହିଥାନ୍ତି ଏବଂ ସେହି ଯନ୍ତ୍ରଣା ଜର୍ଜରିତ ମଣିଷକୁ ଅଯଥା ଆହୁରି ଅନେକ ଯନ୍ତ୍ରଣା ଭୋଗିବାକୁ ହୁଏ । କେହି ଭାବନ୍ତି ନାହିଁ ଯେ, ଏହି ଭିଡ଼ ସୃଷ୍ଟି ପଛରେ କିଏ ଅଛି ବିତରଣକାରୀ କମ୍ପାନୀ ଅବା ସ୍ଥାନୀୟ ଅଫିସ୍‌ରେ କାର୍ଯ୍ୟ କରୁଥିବା କର୍ମଚାରୀ ଭିଡ଼କୁ ନିମନ୍ତ୍ରଣ କରିଥାନ୍ତି । କିନ୍ତୁ ଅଘଟଣ ଘଟିଲେ ଭିଡ଼କୁ ଦାୟୀ କରାଯାଏ । ଭିଡ଼ ଦିନରେ ହେଉ

ଅବା ରାତି ଅଧାରେ ହେଉ ଅଭିଯୋଗ କରିବାକୁ ଧାଇଁ ଆସିଥିବା ବେଳେ ସେମାନଙ୍କୁ ଭିଡ଼ ସୃଷ୍ଟିକାରୀ ଓ ହିଂସାର କର୍ତ୍ତା ଭାବେ ଚିତ୍ରିତ କରାଯାଏ ।

ସରକାର ବିଦ୍ୟୁତ୍ ସଂସ୍କାର ପରଠାରୁ ବିଦ୍ୟୁତ୍‌ର ଦାୟିତ୍ୱ ପୁରାପୁରି ନିଜ ଉପରୁ କାଢ଼ି ଫୋପାଡି ଦେଇଛନ୍ତି । କିନ୍ତୁ ପ୍ରତ୍ୟେକ ଉପଭୋକ୍ତାଙ୍କ ଠାରୁ ସରକାର ବିଦ୍ୟୁତ୍ ଶୁଳ୍କ ଆଦାୟ କରିଥାନ୍ତି । ଗ୍ରୀଡ୍‌କୋ ସମେତ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାମାନଙ୍କ ଠାରୁ ତାଙ୍କ ଲାଭର ଏକ ଅଂଶ ପ୍ରତିବର୍ଷ ଗ୍ରହଣ କରିଥାନ୍ତି । ଏତେସବୁ ଅର୍ଥ ଆଦାୟ କରି ସରକାର ଲୋକଙ୍କ ସମସ୍ୟାବେଳେ ନୀରବ ରହି ହାତ ଟେକିଦେବା କିଛି କରିବାର ନାହିଁ ବୋଲି ଘୋଷଣା କରିବା ଏକ ଜନମଙ୍ଗଳକାରୀ ଗଣତାନ୍ତ୍ରିକ ରାଷ୍ଟ୍ରରେ ଅତ୍ୟନ୍ତ ଦୁଃଖଦାୟକ ଘଟଣା । ଏଥିସହିତ ସରକାରଙ୍କର ଅପରିଣାମ ଦର୍ଶିତା ସହିତ ଓ ଅପରିପକ୍ୱ ଶାସନ ବ୍ୟବସ୍ଥା ଯେ ସମ୍ପୂର୍ଣ୍ଣ ଦାୟୀ ସେକଥା କହିବାକୁ ହେଉଛି । ନିଜ ଉପରୁ ଦାୟିତ୍ୱ ଖସାଇ ଦେବାବେଳେ ସରକାର ଚିନ୍ତା କରିବା ଉଚିତ୍ ଯେ, ବିଦ୍ୟୁତ୍ ବିତରଣ କର୍ତ୍ତା ଏକ ଭିନ୍ନ କମ୍ପାନୀରେ ଓ ବିଦ୍ୟୁତ୍ ବିତରଣକୁ ନିୟନ୍ତ୍ରଣ କରୁଥିବା ଓଡ଼ିଶା ରେଗ୍ୟୁଲେଟାରୀ କମିଶନର ଏକ ସ୍ୱତନ୍ତ୍ର ବିଚାରକ ସଂସ୍ଥା । ହେଲେ ମଧ୍ୟ ଲୋକ ପ୍ରତିନିଧିମୂଳକ ବ୍ୟବସ୍ଥାରେ ଲୋକଙ୍କୁ ବିଦ୍ୟୁତ୍ ଯୋଗାଣ ଓ ସୁଲଭ ମୂଲ୍ୟରେ ନିରବଚ୍ଛିନ ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା ପାଇଁ ଲୋକଙ୍କ ଦ୍ୱାରା ନିର୍ବାଚିତ ସରକାର ହିଁ ପ୍ରଥମତଃ ଉତ୍ତରଦାୟୀ। ସେ ଦୃଷ୍ଟିରୁ ସରକାର ବର୍ଷକରେ ଅନ୍ତତଃ ତିନିଥର ରିଭ୍ୟୁ ବୈଠକ ଡାକି ଓଇଆର୍ସି କର ନିଷ୍ପତ୍ତି ସହିତ ବିଦ୍ୟୁତ୍ ଉତ୍ପାଦନ ଓ ଯୋଗାଣ ସମ୍ପର୍କିତ ସମୀକ୍ଷା କରିବାର ଆବଶ୍ୟକତା ଥିଲା । ବର୍ଷାଦିନ ହେଉ ଅବା ଶୀତ ଦିନ ହେଉ ଅବା ଖରା ଦିନ ହେଉ ଏହାର ଆରମ୍ଭ ସମୟରେ ସମୀକ୍ଷା ବୈଠକ ଡକାଯାଇଥିଲେ ଏହି ଖରାଦିନ ପୂର୍ବରୁ ବାସ୍ତବ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା କେତେ ଅଛି ଅବା କେତେ ବଢ଼ିବ ତାହା ଜଣାପଡ଼ିଥାନ୍ତା । ସେହି ଅନୁସାରେ କେଉଁ କେଉଁଠାରେ ଦୁର୍ବଳ ସ୍ଥିତିକୁ ବଦଳାଯାଇ ପାରିଥାନ୍ତା । ଅର୍ଥାତ୍ ଟ୍ରାନ୍ସଫର୍ମରଗୁଡ଼ିକୁ ଅଧିକ କ୍ଷମତା ସମ୍ପନ୍ନ କରିବା ସହିତ ସରବରାହ ଜନିତ ଦୁର୍ବଳତାକୁ ଦୂର କରାଯାଇ ପାରିଥାନ୍ତା ।

ଗ୍ରୀଷ୍ମ ଜନିତ ତାପମାତ୍ରା ବୃଦ୍ଧି ପାଇଁ ସମସ୍ତ ମଣିଷ ସମାଜ ଦାୟୀ । କାରଣ ତାପମାତ୍ରା ବୃଦ୍ଧିର କାରଣ ଓ ଜଳବାୟୁ ପରିବର୍ତ୍ତନର କାରଣ ନିଜେ ମଣିଷ ସମାଜ ହୋଇଛି ଓ ସେ ହିଁ ସୃଷ୍ଟି କରିଛି । କିନ୍ତୁ ବିଦ୍ୟୁତ୍‌କାଟ ଜନିତ ଯନ୍ତ୍ରଣା ଆଣିବାରେ ମୁଖ୍ୟତଃ ସରକାରଙ୍କ ଅଦୂରଦର୍ଶିତା ଦାୟୀ ଓ ଏଥିସହିତ ରେଗ୍ୟୁଲେଟାରୀ କମିଶନଙ୍କର ସମୟୋଚିତ ପଦକ୍ଷେପ ନେବାରେ ତ୍ରୁଟି ରହିଛି ଓ ରାଜ୍ୟରେ ଥିବା ୪ଗୋଟି ବିତରକ କମ୍ପାନୀ ଅତି ଚତୁରତାର ସହିତ ବିଦ୍ୟୁତ୍ ସଞ୍ଚୟ କରିବା ନାମରେ ବିଦ୍ୟୁତ୍ କାଟ କରି ଯେଉଁ ଅକ୍ଷମଣୀୟ ଅପରାଧ ନିଜର ଲାଭ ଓ ଲୋଭ ପାଇଁ ଘଟାଇଛନ୍ତି ସେଥିରେ ମଧ୍ୟ ଯେଉଁମାନେ ନିରବଦ୍ରଷ୍ଟା ସେମାନେ ସମସ୍ତେ ପରୋକ୍ଷରେ ଦାୟୀ । ଲୋକଙ୍କ ଯନ୍ତ୍ରଣା ଓ ଯନ୍ତ୍ରଣା ଜନିତ ଯେକୌଣସି ଦୁର୍ଘଟଣା ପାଇଁ ମୁଖ୍ୟତଃ ସରକାର ଓ ବିତରକ କମ୍ପାନୀ ଦାୟୀ ରହିବେ ।

**ପଞ୍ଚାନନ କାନୁନ୍‌ଗୋ**

# ହାର୍ଦ୍ଦିକ ପାଣ୍ଡ୍ୟା ଛାଡ଼ିବେ ମୁମ୍ବାଇ ଇଣ୍ଡିଆନ୍ସ, ରୋହିତଙ୍କୁ ମିଳିଲା ଗୁରୁ ଦାୟିତ୍ୱ!



ମୁମ୍ବାଇ : ଚଳିତ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ୧୪ଟି ମ୍ୟାଚ୍‌?ରୁ କେବଳ ୪ଟି ଜିତିଥିଲା। ଏଥିପାଇଁ ଟିମ ମ୍ୟାନେଜମେଣ୍ଟ ହାର୍ଦ୍ଦିକଙ୍କୁ ଅଧିନାୟକ ପଦରୁ ହଟାଇବାକୁ ଚାହୁଁଛି। ୨୦୨୪ ଆଇପିଏଲ ପୂର୍ବରୁ ଗୁଜରାଟ ଟାଇଟନ୍ସରୁ ଟ୍ରେଡ ଜରିଆରେ ମୁମ୍ବାଇ ହାର୍ଦ୍ଦିକଙ୍କୁ ଆଣିଥିଲା।

ଆଇପିଏଲ ଫ୍ରାଞ୍ଚାଇଜ ମୁମ୍ବାଇ ଇଣ୍ଡିଆନ୍ସରେ ଦେଖିବାକୁ ମିଳିଛି ଅପ୍ରତ୍ୟାଶିତ ସଙ୍କଟ। ଦଳର ଅଧିନାୟକ ପଦରୁ ହାର୍ଦ୍ଦିକ ପାଣ୍ଡ୍ୟା ବିଦା ହେବେ। ମୁମ୍ବାଇ ଇଣ୍ଡିଆନ୍ସ ପାଣ୍ଡ୍ୟାଙ୍କୁ ଅଧିନାୟକ ପଦରୁ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇଛି। ଏହି ଖବର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବେଶ ବ୍ୟଥିତ କରିଛି। ମ୍ୟାନେଜମେଣ୍ଟ ସହ ତାଙ୍କର ସମ୍ପର୍କ ବି ଖରାପ ହୋଇ ଯାଇଛି। ଏଥିପାଇଁ ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଚଳିତ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ୧୪ଟି ମ୍ୟାଚ୍‌?ରୁ କେବଳ ୪ଟି ଜିତିଥିଲା। ଏଥିପାଇଁ ଟିମ ମ୍ୟାନେଜମେଣ୍ଟ ହାର୍ଦ୍ଦିକଙ୍କୁ ଅଧିନାୟକ ପଦରୁ ହଟାଇବାକୁ ଚାହୁଁଛି। ୨୦୨୪ ଆଇପିଏଲ ପୂର୍ବରୁ ଗୁଜରାଟ ଟାଇଟନ୍ସରୁ ଟ୍ରେଡ ଜରିଆରେ ମୁମ୍ବାଇ ହାର୍ଦ୍ଦିକଙ୍କୁ ଆଣିଥିଲା ଓ ତାଙ୍କୁ କ୍ୟାପ୍ଟେନ ପଦ ଦେଇଥିଲା। ହେଲେ ତାଙ୍କ କ୍ୟାପ୍ଟେନ୍ସିକୁ ନେଇ ପ୍ରଶ୍ନ ଉଠିବାରୁ ତାଙ୍କୁ ବିଦା କରିବାକୁ ମୁମ୍ବାଇ ନିଷ୍ପତ୍ତି ନେଇଛି। କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଠାରୁ ଏହି ଦାୟିତ୍ୱ କିଏ ନେବେ? ସୂତ୍ର ଅନୁସାରେ, ଦଳର ବରିଷ୍ଠ ଖେଳାଳି ରୋହିତ ଶର୍ମାଙ୍କୁ ଏହି ପ୍ରସଙ୍ଗରେ ଗୁରୁଦାୟିତ୍ୱ ମିଳିଛି। ମୁମ୍ବାଇ ଇଣ୍ଡିଆନ୍ସର ପରବର୍ତ୍ତୀ ଅଧିନାୟକ ଏମିତି ଜଣେ ଖେଳାଳି ହେବେ, ଯାହାଙ୍କ ଉପରେ ରୋହିତ ଶର୍ମାଙ୍କ ଆଶୀର୍ବାଦ ରହିବ। ଅର୍ଥାତ ରୋହିତ ଶର୍ମାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସର ପରବର୍ତ୍ତୀ ଅଧିନାୟକ ଚୟନ କରିବାକୁ ଦାୟିତ୍ୱ ଦିଆଯାଇଛି। ସେ ନିଜ ଇଚ୍ଛାରେ ଏମିତି ଜଣେ ଖେଳାଳିଙ୍କୁ ଚୟନ କରିବେ, ଯିଏ ଦୀର୍ଘ ସମୟ ଧରି ଫ୍ରାଞ୍ଚାଇଜର ଅଧିନାୟକ ପଦରେ ରହିବେ। ମ୍ୟାନେଜମେଣ୍ଟ ଏବେ ବୁଝି ସାରିଛି ଯେ ୨୦୨୪ ଆଇପିଏଲ ପୂର୍ବରୁ ରୋହିତ ଶର୍ମାଙ୍କ ସ୍ଥାନରେ ହାର୍ଦ୍ଦିକଙ୍କୁ କମାଣ ଧରାଇବା ନିଷ୍ପତ୍ତି ଭୁଲ ଥିଲା। ଏହାର ପ୍ରଭାବ ଦଳର ପ୍ରଦର୍ଶନ ଉପରେ ମଧ ପଡ଼ିଛି। ତେଣୁ ଏବେ ଫ୍ରାଞ୍ଚାଇଜ ସମାନ ଭୁଲ ଆଉ ଦୋହରାଇବାକୁ ଚାହୁଁନି। ମୁମ୍ବାଇ ଇଣ୍ଡିଆନ୍ସରେ ରୋହିତ ଶର୍ମା ଜଣେ ପ୍ରମୁଖ ଖେଳାଳି ହୋଇଥିବାରୁ ତାଙ୍କୁ ପରବର୍ତ୍ତୀ ଅଧିନାୟକ ଚୟନ କରିବାକୁ କୁହାଯାଇଛି।



ଭୀଷଣ ରୌଦ୍ର ତାପରେ ଭୁବନେଶ୍ୱର ସ୍ଥିତ ୟୁନିଟ୍ -୮ ରେ ଆନନ୍ଦ ମାର୍ଗ ତରଫରୁ ବହୁ ଦିନ ଧରି ଚାଲିଛି ଜଳ ସେବା ଶିବିର, ଏହି କାର୍ଯ୍ୟକ୍ରମରେ ବୀର କିଶୋର ବେହେରାଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଅନୁଷ୍ଠିତ ସେବା ଶିବିରରେ ସହରର ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳୁଛି ।

## ସି.ଏମ୍ କପ୍ ୨୦୨୬ : ଜୁନ୍ ୧ରୁ ଆନ୍ତଃ ଜିଲ୍ଲା ଆଞ୍ଚଳିକ ଫୁଟବଲ ଏବଂ କବାଡି ପ୍ରତିଯୋଗିତା




ବ୍ରହ୍ମପୁର: ଆସନ୍ତା ମାସ ଜୁନ ୧ ତାରିଖ ଠାରୁ ଆୟୋଜିତ ହେବାକୁ ଥିବା ଗଞ୍ଜାମ ଜିଲ୍ଲା କବାଡି ଏବଂ ଫୁଟବଲ। ଆଜି ମହାତ୍ମାଗାନ୍ଧୀ ଷ୍ଟାଡିଅମ ଠାରେ ଏକ ସାମ୍ବାଦିକ ସମିଳନୀ ଆୟୋଜନ ହୋଇଥିଲା। ଆଗାମୀ ଦିନ ରେ ହେବାକୁ ଥିବା ଅନ୍ତଃ ୧୪ ବର୍ଷୀୟ ଫୁଟବଲ ବାଳକ ଓ ବାଳିକା ଏବଂ ଅନ୍ତଃ ୧୬ ବର୍ଷୀୟ କବାଡି ବାଳକ ଓ ବାଳିକା ଆୟୋଜିତ ହେବାକୁ ଯାଉଅଛି। ଏଥିରେ ୮ ଗୋଟି ଜିଲ୍ଲା ରୁ ଉଭୟ ବାଳକ ଓ ବାଳିକା ଖେଳାଳି ଯୋଗଦେବେ ର କାର୍ଯ୍ୟକ୍ରମ ରହିଅଛି। ଏଥି ସହ ମ୍ୟାଚ ପରିଚାଳନା ପାଇଁ ମ୍ୟାଚ ପରିଚାଳକ ଉପସ୍ଥିତ ରହିବେ। ପ୍ରଥମ ଥର ପାଇଁ ମହାତ୍ମାଗାନ୍ଧୀ ଷ୍ଟାଡିଅମ ଇଣ୍ଡୋର ହଲ, ବ୍ରହ୍ମପୁର ଠାରେ ସିଂଥେଟିକ ମ୍ୟାଟରେ ଆସନ୍ତା ମାସ ଜୁନ ୫ ତାରିଖ ଠାରୁ ୭ ମଧରେ କବାଡି ଖେଳ ଅନୁଷ୍ଠିତ ହେବ। ଦ୍ୱିତୀୟ ସଂସ୍କରଣ ଫୁଟବଲ ଚମ୍ପିୟନସିପ ଜୁନ ୧ ଠାରୁ ୭ ତାରିଖ ମଧରେ ରେ ଆୟୋଜିତ ହେବ। ଆଜି ଏହି ଅବସର ରେ ଏକ ସାମ୍ବାଦିକ ସମିଳନୀ ଗଞ୍ଜାମ ଜିଲ୍ଲା କ୍ରୀଡା ସମ୍ପାଦକ ଜେ. କାମେଶ୍ୱର ରାଓ ଙ୍କ ଅଧକ୍ଷତା ରେ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିଅମ ରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡା ସଙ୍ଘ ଉପ ସଭାପତି ଶ୍ରୀ ତାରିଣୀ ସାମନ୍ତରାୟ, ଉପ ସଭାପତି ଶ୍ରୀ କେଦାରନାଥ ଚୌଧୁରୀ, ଉପ ସଭାପତି ଶ୍ରୀ ବିଜୟ କୁମାର ପଟନାୟକ, ଯୁଗ୍ମ ସମ୍ପାଦକ ଶ୍ରୀ ଡ଼ି. ଆପା ରାଓ, ଫୁଟବଲ ସମ୍ପାଦକ ଶ୍ରୀ ଜି. ଏମ. ବାବୁ, କବାଡି ସମ୍ପାଦକ ଶ୍ରୀ ସୀତାରାମ ବ୍ରେତ, ଆଜୀବନ ସଭ୍ୟ ଶ୍ରୀ ଦୁର୍ଗା ପଟନାୟକ, ଶ୍ରୀ ପ୍ରମୋଦ ମହାରଣା, ବିଶ୍ୱନାଥ ପାତ୍ର, ଭିନସେଣ୍ଟ ଦାସ, ମାନସ ପଣ୍ଡା, ଜି. ଭି. ଜି ରବି କୁମାର। ଏହି ଟୁର୍ନାମେଣ୍ଟ କୁ ପରିଚାଳନା କରିଛନ୍ତି ଗଞ୍ଜାମ ଜିଲ୍ଲା କ୍ରୀଡା ସଂସଦ ଏବଂ ସ୍ପୋର୍ଟ୍ସ ଏଣ୍ଡ ୟୁଥ ସ୍ୱେର୍ଭିସି ବିଭାଗ ଓଡିଶା ସରକାର, ଫୁଟବଲ ଆସୋସିଏସନ ଓଡିଶା ଏବଂ କବାଡି ଆସୋସିଏସନ ଓଡିଶା।

## ବହୁ ଚର୍ଚ୍ଚିତ ନାବାଳକ ଅଂଶୁମାନ ହତ୍ୟା ମାମଲା
# ଅଭିଯୁକ୍ତକୁ ଆଜୀବନ ଜେଲ ଦଣ୍ଡ

ବ୍ରହ୍ମପୁର: ୨୦୧୯ ମସିହାରେ ଗୋଶାଣୀନୂଆ ଗାଁ ଥାନା ଅଧିନରେ ନିରୂପମା ଆଚାର୍ଯ୍ୟଙ୍କ ପୁଅ ଅଂଶୁମାନଙ୍କୁ ଅପହରଣ କରି ହତ୍ୟା କରାଯାଇଥିଲା । ପୁଲିସ ତାରା ତାରିଣୀ ପାହାଡ଼ ପାଦଦେଶରୁ ଉକ୍ତ ୭ବର୍ଷର ଶିଶୁ ଅଂଶୁମାନଙ୍କ ମୃତ ଦେହ ଜବତ କରି ଅଭିଯୁକ୍ତ ଦେବାଶିଷ ପଣ୍ଡାଙ୍କୁ ଗିରଫ କରିଥିଲା । ଅଂଶୁମାନଙ୍କ ମାନିରୂପମାଙ୍କୁ ଅଭିଯୁକ୍ତ ଦେବାଶିଷ ପଣ୍ଡା ଏକ ତରଫା ପ୍ରେମ ନିବେଦନ କରି ବିଫଳ ହେବା ପରେ ଦେବାଶିଷ ପ୍ରେମିକା ନିରୂପମାଙ୍କ ପୁଅ ଅଂଶୁମାନଙ୍କୁ ଅପହରଣ କରି ନେଇ ଅତି ନୃଶଂସ ଭାବେ ହତ୍ୟା କରି ପ୍ରମାଣ ନଷ୍ଟ କରିବା ପାଇଁ ତାରା ତାରିଣୀ ପାହାଡ଼ରେ ପିଙ୍ଗିଦେଇ ଆସିଥିଲା । ଆଜି ଉପଯୁକ୍ତ ପ୍ରମାଣ ଥିବା ଦର୍ଶାଇ ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ନରେଶ ମହାନ୍ତି ଅଭିଯୁକ୍ତ ଦେବାଶିଷ ପଣ୍ଡାଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡ଼ିଛି ।

# ଯୁବ ସମାଜସେବୀଙ୍କ ରକ୍ତଦାନ ଶିବିର



ପୁରୁଷୋତ୍ତମପୁର: ଗଞ୍ଜାମ ଜିଲ୍ଲା ପୁରଷୋତ୍ତମପୁର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଗତ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି ଏକ ରକ୍ତ ଦାନ ଶିବିର । ଯୁବ ନେତା ତଥା ସମାଜସେବୀ ଚିନୁ ଆଚାରୀଙ୍କ ଜନ୍ମଦିନ ଅବସରରେ ଏକ ଉଚ୍ଚକୋଟିର ମନୋଭାବ ନେଇ ଏହି ରକ୍ତ ଦାନ ଶିବିର ସେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଧୁମଧାମରେ ଆୟୋଜନ କରିଛନ୍ତି । ରକ୍ତଦାନ ସାଙ୍ଗକୁ କିଛିଟା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ହିରୋଇନ୍ ଭୂମିକା ଦାଶ ଉପସ୍ଥିତ ରହି ଖରା ଦିନରେ ରକ୍ତଦାନର ମହତ୍ୱ ସମ୍ପର୍କରେ ବୁଝାଇବା ସହିତ ଏଥିରେ ଯୁବପିଢ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହି ସେମାନଙ୍କୁ ବେଶ ଉତ୍ସାହିତ କରିଥିଲେ। ତେବେ ପ୍ରତିବର୍ଷ ଯୁବ ସମାଜସେବୀ ଚିନୁ ଆଚାରିଙ୍କର ଜନ୍ମଦିନ ଅବସରରେ ଏଭଳି ରକ୍ତଦାନ ଶିବିରର ଆୟୋଜନକୁ ଭୂମିକାଙ୍କ ସହ ସ୍ଥାନୀୟ ତହସିଲଦାର ବିନୋଦ ବେହେରା, ପୁରୁଷୋତ୍ତମପୁର ଥାନା ଅଧିକାରୀ କୁଳମଣି ସେଠୀଙ୍କ ସମେତ ମଞ୍ଚରେ ଥିବା ଅନ୍ୟ ମାନ୍ୟଗଣ୍ୟ ଅତିଥୀ ମାନେ ମଧ ବେଶ ପ୍ରଶଂଶା କରିଥିଲେ। ଏହି ଶିବିରରେ ମୋଟ ୯୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ତେବେ ଯୁବ ସମାଜସେବୀ ଚିନୁ ଆଚାରୀଙ୍କ କହିବା କଥା, ରକ୍ତଦାନ ଶିବିର ଏକ ବାହାନା,କିନ୍ତୁ ସମାଜ ସେବା ହେଉଛି ଲକ୍ଷ। ତା ଛଡା ରକ୍ତଦାନ କରିବା ଦ୍ୱାରା ରୋଗୀଟି ରୋଗମୁକ୍ତ ହେବା ସହ ନବ ଜୀବନ ପ୍ରାପ୍ତ ହୋଇଥାଏ, ତେଣୁ ଏହାଠାରୁ ସଂସାରରେ ଆଉ ବା ପୁଣ୍ୟ କଣ ହୋଇପାରେ। ତେଣୁ ସମସ୍ତେ ମିଳିମିଶି ରକ୍ତଦାନ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବା ସହିତ ସେବା ମନୋଭବ ନେଇ କାର୍ଯ୍ୟ କରିବା ପାଇଁ ସେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ପୌରପାଳିକା ଅଧକ୍ଷ ବାସୁଦେବ ମହାପାତ୍ର, ସୁଶାନ୍ତ ପାଣିଗ୍ରାହୀ, ଚଳଚିତ୍ର ନିର୍ଦ୍ଦେଶକ ବିଜୟ ମହାପାତ୍ର,ସ୍ଥାନୀୟ ତହସିଲଦାର ବିନୋଦ କୁମାର ବେହେରା, ସ୍ଥାନୀୟ ଥାନା ଅଧିକାରୀ କୁଳମଣି ସେଠୀ,ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ନେତା ସୀତାରାମ ପାଣିଗ୍ରାହୀ,ବରିଷ୍ଠ ଓକିଲ ଦେବୁ ମହାପାତ୍ର,ବରିଷ୍ଠ ଶିକ୍ଷାବିତ୍ ଏ.ରାଜୁ ଗୋପାଳ ରାଓ ଓ ସମସ୍ତ ଯୁବପିଢ଼ି ଉପସ୍ଥିତ ରହିଥିଲେ। ରକ୍ତ ଦାନ ଶିବିରରେ ଚିନୁ ଭାଇ ଫେନ୍ କ୍ଲବର ଯୁବ ପିଢି ସହାୟତା,ସହଯୋଗ କରିଥିଲେ। ଏହି ଅବସରରେ ବହୁ ସମାଜସେବୀ, ଯୁବକ ଓ ଅତିଥିମାନେ ଯୋଗଦେଇ ରକ୍ତଦାନର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସମାଜସେବା ପ୍ରତି ସମସ୍ତଙ୍କ ଆଗ୍ରହ ଓ ସହଯୋଗ ପ୍ରଶଂସନୀୟ ଥିଲା।



ଆମ୍ବପୁଆ ବିବେକ ବିହାରଠାରେ ବିଡ଼ିଏ ତରଫରୁ ବିନା ନୋଟିସ୍‌ରେ ଦୋକାନ ବଜାର ଉଚ୍ଛେଦକୁ ନେଇ ସ୍ଥାନୀୟ କର୍ପୋରେଟର ତଥା ଡେପୁଟି ମେୟରଙ୍କ ଜୋରଦାର ବିରୋଧ ଓ ଅଧିକାରୀଙ୍କୁ ତାଗିଦ ।






Printed and Published & Owned by : Saroj Ranjan Patnaik, R. C. Das Lane, Berhampur-760004 & Printed at -M/S. Vijaya Printers, II/5 Industrial Estate, Berhampur-760008 (Ganjam)
POST BOX .-15, G .P. O, Berhampur-760001 (Odisha) : ନିର୍ବାହୀ ସମ୍ପାଦକ – ଡ. ହରିଶ ଚନ୍ଦ୍ର ବେହେରା ମୁଖ୍ୟ ସମ୍ପାଦକ– ଶ୍ରେୟାନ୍ ପଟ୍ଟନାୟକ